ବର୍ଷ-୨୬, ସଂଖ୍ୟା-୧୮୧
ଭୁବନେଶ୍ୱର
୦୭, ଜୁଲାଇ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 181
Bhubaneswar
07 July, 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

**Mahabharat**

### ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ପ୍ରସ୍ତୁତି

## ପୂର୍ବ ଭୁଲକୁ ସୁଧାରିବା ସହ ଶୃଙ୍ଖଳିତ ନିତିକାନ୍ତି ଉପରେ ଗୁରୁତ୍ୱ

ପୁରୀ,୬।୭(ମହାଭାରତ):"ନିୟମ ଅନୁସାରେ ଯେତିକି କର୍ଡନ ପାସ୍ ଦରକାର କେବଳ ସେତିକି ହିଁ ଜାରି କରାଯାଉ। ଗୋଟିଏ ବି ଅଧିକ କର୍ଡନ ପାସ୍ ଦିଆନଯାଉ। କେବଳ ମହାପ୍ରଭୁଙ୍କ ନିତିକାନ୍ତି ସହ ସମ୍ପୃକ୍ତ ସେବକ ଓ ନିୟୋଜିତ ଅଧିକାରୀମାନଙ୍କ ବ୍ୟତୀତ ଅନ୍ୟ କୌଣସି ବାହାରର ବ୍ୟକ୍ତିଙ୍କୁ ଏହି ପାସ୍ ମିଳିବ ନାହିଁ।" ଆଜି ଏମିତି ଢଙ୍ଗରେ ରଥଯାତ୍ରାର ଚୂଡାନ୍ତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଖୋଲା ମଂଚରୁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରଥଯାତ୍ରା କେବଳ ପୁରୀ କିମ୍ବା ଓଡିଶାର ନୁହେଁ, ବରଂ ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ପାଇଁ ଏକ ଅତ୍ୟନ୍ତ ପବିତ୍ର ଓ ଭାବପୂର୍ଣ୍ଣ ଉତ୍ସବ ହୋଇଥିବାରୁ ଏହା ଉପରେ ସମଗ୍ର ବିଶ୍ୱର ନଜର ରହିଛି। ତେଣୁ ମହାପ୍ରଭୁଙ୍କ ରଥଯାତ୍ରାକୁ ସଫଳ କରିବା ପାଇଁ ସମସ୍ତ ବିଭାଗ ଓ ବରିଷ୍ଠ ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସମର୍ପଣ ଭାବନା ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ସୂଚନା ଅନୁସାରେ, ଆଜି ପୁରୀଠାରେ




ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତବର୍ଷ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକରେ ପୂର୍ବ ବର୍ଷଗୁଡିକର ଭୁଲକୁ ସୁଧାରିବା ସହ ଶୃଙ୍ଖଳିତ ନିତିକାନ୍ତି ଉପରେ ସେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କର୍ଡନ ପାସ୍ ଇସ୍ୟୁ କରିବା ଓ ରଥ ନିକଟରେ ଅନାବଶ୍ୟକ ଭିଡକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ବାହିନୀକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ପଷ୍ଟ ଭାବେ କହିଛନ୍ତି ଯେ, ନିୟମ ଅନୁସାରେ ଯେତିକି ପାସ୍ ଦରକାର, କେବଳ ସେତିକି ଜାରି କରିବାକୁ ପୁରୀ ଜିଲ୍ଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଉଛନ୍ତି। କୌଣସି ପରିସ୍ଥିତିରେ ଗୋଟିଏ ବି ଅଧିକ କର୍ଡନ ପାସ୍ ଜାରି କରାନଯାଉ।

କେବଳ ମହାପ୍ରଭୁଙ୍କ ନିତିକାନ୍ତି ସହ ସମ୍ପୃକ୍ତ ଥିବା ସେବକ, ନିୟୋଜିତ ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବାହାର ବ୍ୟକ୍ତିଙ୍କୁ ଏହି ପାସ୍ ମିଳିବ ନାହିଁ।ଯଦି କୌଣସି ଅନଧିକୃତ ବ୍ୟକ୍ତି କିମ୍ବା ବାହାର ବ୍ୟକ୍ତି କର୍ଡନ ଭିତରେ ପ୍ରବେଶ କରିଥିବେ ତାଙ୍କୁ ସସମ୍ମାନେ କର୍ଡନରୁ ବାହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳଙ୍କୁ ଖୋଲା ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିର୍ଦ୍ଦେଶ ପରେ ଚଳିତବର୍ଷ ରଥଯାତ୍ରାରେ ଅଧିକ ସଂଖ୍ୟକ ଲୋକଙ୍କୁ କର୍ଡନ ପାସ୍ ଦେବା ଜିଲ୍ଲା ପ୍ରଶାସନକୁ ଭବିଷ୍ୟତରେ ମହଙ୍ଗା ପଡିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

ରଥଯାତ୍ରାରେ ଅତୀତର ତ୍ରୁଟିର ପୁନରାବୃତ୍ତି ନହେବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେଇଛନ୍ତି। ରଥଯାତ୍ରାବେଳେ ଶୃଙ୍ଖଳା ବଜାୟ ରଖିବା ପାଇଁ ସୁରକ୍ଷା କର୍ମଚାରୀ ଓ ପୁଲିସ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ମଧ୍ୟ କୁହାଯାଇଛି। ଭିଡ ନିୟନ୍ତ୍ରଣ ପାଇଁ ଚଳିତବର୍ଷ ସମଗ୍ର ପୁରୀ ସହରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) କ୍ୟାମେରା ଓ ଡ୍ରୋନ୍ କ୍ୟାମେରା ବ୍ୟବହାର କରାଯିବ। ଏହି ଆଧୁନିକ ଉପକରଣଗୁଡିକ ମାଧ୍ୟମରେ କଣ୍ଟ୍ରୋଲ୍ ରୁମରେ ବସିଥିବା ବିଶେଷଜ୍ଞ ଟିମ୍ ପ୍ରତି ମିନିଟରେ ରିଏଲ୍ ଟାଇମ୍ ରିପୋର୍ଟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦେବେ। ବିଶେଷକରି ମହିଳା ଓ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷିତ ଦର୍ଶନ ପାଇଁ ଏକ ସମ୍ପୂର୍ଣ୍ଣ ନିରାପଦ ପରିବେଶ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ରଥଯାତ୍ରାବେଳେ ସ୍ୱାସ୍ଥ୍ୟସେବା ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ମଧ୍ୟ ପୁରୀ ସହର ମଧ୍ୟରେ ଏକ ସ୍ୱତନ୍ତ୍ର ସେଫ୍ କରିଡର ପ୍ରସ୍ତୁତ କରାଯିବ, ଯେଉଁଥିରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଗାଡି ବିନା କୌଣସି ବାଧାରେ ଯାତାୟାତ କରିପାରିବେ। ସମୁଦ୍ରକୂଳରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ବ୍ୟାପକ ସଂଖ୍ୟାରେ ଲାଇଫ୍ ଗାର୍ଡ ମୁତୟନ କରାଯିବ। ସମସ୍ତ ବିଭାଗ ନିଜ ନିଜ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଡେଡଲାଇନ୍ ଅନୁସାରେ ନିଜର କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ପୁରୀରେ ଆଜିର ସମୀକ୍ଷା ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଆଇନ ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀଙ୍କ ସମେତ ମୁଖ୍ୟ ସଚିବ, ପୁଲିସ ଡିଜି ଓ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଗତ ଦୁଇବର୍ଷ ଧରି ରଥଯାତ୍ରାବେଳେ ଅଘଟଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ରାଜ୍ୟ ପ୍ରଶାସନ ପକ୍ଷରୁ ଅଧିକ ସତର୍କତା ଅବଲମ୍ବନ କରାଯାଇଥିବା ଜଣାପଡିଛି।

## ବୈତରଣୀ କୂଳ ଲଂଘୁଛି, ମନ୍ତ୍ରୀ କହିଲେ, ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି

ଭୁବନେଶ୍ୱର୬।୭(ମହାଭାରତ): ଲଗାଣ ବର୍ଷାରୁ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଉଛି। ଫଳରେ ନଦୀ ଅବବାହିକାରେ ବନ୍ୟାସ୍ଥିତି ହେବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ଆଜି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ସ୍ଥିତିର ଉଚ୍ଚସ୍ତରୀୟ ସମୀକ୍ଷା କରିବା ପରେ କହିଛନ୍ତି, ରାଜ୍ୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ ରହିଛି। କେ ?ଣସି ପ୍ରକାର ବିପଦ ନିମନ୍ତେ ସରକାର ପ୍ରସ୍ତୁତ ଅଛନ୍ତି। ଆଜି (ସୋମବାର) ରାଜୀବ ଭବନଠାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ବିଭାଗ ପକ୍ଷରୁ ମିଳିଥିବା ସୂଚନାରେ, ବର୍ତ୍ତମାନ ମହାନଦୀ, ଦେବୀ, ଜଳକା, କୁଶଭଦ୍ରା, ଋଷିକୁଲ୍ୟା, ଇବ୍ ଆଦି ନଦୀର ଜଳସ୍ତର ବିପଦ ସ୍ତରଠୁଁ କମ୍ ଅଛି। ବୈଠକରେ ବୈତରଣୀ ନଦୀର ବର୍ତ୍ତମାନ ଜଳସ୍ତର, ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତି, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ଓ ଜନସଂଖ୍ୟା, ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ଉଦ୍ଧାର ଓ ସ୍ଥାନାନ୍ତରଣ ବ୍ୟବସ୍ଥା, ଆଶ୍ରୟସ୍ଥଳ ପରିଚାଳନା, ରିଲିଫ ସାମଗ୍ରୀର ମହଜୁଦ ଏବଂ ଉଦ୍ଧାରକାରୀ ଦଳର ନିୟୋଜନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା।

## ପୁରୀ-କୋରାପୁଟ-ପୁରୀ ନୂଆ ଟ୍ରେନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ

ଭୁବନେଶ୍ୱର,୬।୭(ଏ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଦେଶରେ ଏବେ ଏକ ଟ୍ରାନସ୍ ?ଫର୍ମେସନର ଯୁଗ ଆସିଛି। ସଡକ ଠାରୁ ଆରମ୍ଭ କରି ରେଳ, ବିମାନସେବା ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସିଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ରେଳ ଷ୍ଟେସନଠାରେ ପୁରୀ-କୋରାପୁଟ-ପୁରୀ ନୂତନ ଟ୍ରେନର ଶୁଭାରମ୍ଭ ଅବସରରେ କହିଛନ୍ତି।

ପୁରୀ ରେଳ ଷ୍ଟେସନଠାରେ ଆୟୋଜିତ ସ୍ୱତନ୍ତ୍ର

**ରଥଯାତ୍ରା ଅବସରରେ ୩୦୦ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ**

**ରେଳବାଇ କ୍ଷେତ୍ରରେ ମୋଦୀଜୀ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାର ଲକ୍ଷ୍ୟ ରଖିଛନ୍ତି- କେନ୍ଦ୍ର ରେଳମନ୍ତ୍ରୀ**

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀ ଏହି ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମୋଦୀଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଅଭିଯାନ ଚାଲିଛି ସେଥିରେ ଅଶ୍ୱିନୀ ବୈଷ୍ଣବଜୀ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମହାପ୍ରଭୁଙ୍କ ରଥଯାତ୍ରା ପୂର୍ବରୁ ଏହି ଟ୍ରେନର ଲୋକାର୍ପଣ ଚଳିତ ବର୍ଷ ଭକ୍ତମାନଙ୍କ ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କର ଏକ ସୁନ୍ଦର ଉପହାର ବୋଲି ସେ କହିଥିଲେ।

ଏହି ଟ୍ରେନ ସପ୍ତାହକୁ ତିନି ଦିନ ଚାଲିବ ଏବଂ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡିଶାକୁ ଯୋଡି ସମସ୍ତଙ୍କ ପାଇଁ ଏକ ସୁଖଦ ଯାତ୍ରାର ଅନୁଭବ ଆଣିବ। ଦକ୍ଷିଣ ଓ ପଶ୍ଚିମ ଓଡିଶାର ଯେଉଁ ଲୋକମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିବେ କିମ୍ବା ଭୁବନେଶ୍ୱରକୁ କୌଣସି କାମରେ ଆସିବେ ସେମାନଙ୍କ ପାଇଁ ଏହି ଟ୍ରେନ ଏକ ଆଶୀର୍ବାଦ ସ୍ୱରୂପ ହେବ





ବୋଲି ସେ କହିଛନ୍ତି।

ସେ ପୁଣି କହିଥିଲେ ବର୍ତ୍ତମାନ ରାଜ୍ୟର ସବୁ ଜିଲ୍ଲାରେ ରେଳ ଯୋଗାଯୋଗ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ ତାଙ୍କ ଉଦ୍ୟମ ଜାରି ରଖିଛନ୍ତି। ଓଡିଶାରେ ବର୍ତ୍ତମାନ ୯୭ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଓଡିଶାର ୫୯ ରେଳ ଷ୍ଟେସନକୁ 'ଅମୃତ ଭାରତ' ଯୋଜନାରେ ଆଧୁନିକୀକରଣ କରାଯାଉଛି। ସେଥିରେ ୧୮୪ କୋଟି ଟଙ୍କା ଖର୍ଚ୍ଚରେ ପୁରୀ ଷ୍ଟେସନର କାମ ମଧ୍ୟ ଚାଲୁ ରହିଛି। ପୁରୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ବୈଭବକୁ ଦୃଷ୍ଟିରେ ରଖି ଏହାର ଡିଜାଇନ କରାଯାଇଛି। ଆସନ୍ତା ବର୍ଷ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଧାର୍ଯ୍ୟ କରାଯାଇଛି ।

କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଜଣାଇ କହିଥିଲେ ଯେ, ଉପକୂଳ ଓଡିଶାକୁ ପଶ୍ଚିମ ଓ ଦକ୍ଷିଣ ଓଡିଶା ସହ ଯୋଡିବା ପାଇଁ ବହୁ ଦିନରୁ ଜନସାଧାରଣଙ୍କ ଦାବୀ ରହିଥିଲା।

ମୁଖ୍ୟମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ଚିଠି ଦ୍ୱାରା ଅନୁରୋଧ କରିଥିଲେ ବୋଲି ପ୍ରକାଶ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ, ଆଜି ଶୁଭାରମ୍ଭ ହୋଇଥିବା ଏହି ଟ୍ରେନ ଓଡିଶାର ଅନେକ ଜିଲ୍ଲାକୁ ପୁରୀ ସହ ଯୋଡିବ। ଦୁଇ ବର୍ଷ ତଳେ ଆମେ ଓଡିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ୫ ବର୍ଷରେ ଏକ ଲକ୍ଷ କୋଟି ଟଙ୍କା ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ କରିବୁ ବୋଲି । ଦୁଇ ବର୍ଷରେ ୯୭ ହଜାର କୋଟି ଟଙ୍କାରେ ପହଞ୍ଚିଲାଣି।

ଜାତୀୟ ରାଜପଥ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳଜୀଙ୍କ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ପରି ରେଳବାଇ କ୍ଷେତ୍ରରେ ସମଗ୍ର ଦେଶକୁ ଯୋଡିବା ପାଇଁ ମୋଦୀଜୀ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ କେନ୍ଦ୍ର ରେଳମନ୍ତ୍ରୀ ପୁରୀ-କୋରାପୁଟ ଟ୍ରେନ ପରି ଉତ୍ତର ଓଡିଶା ପାଇଁ ଏକ ଟ୍ରେନ ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଜେନା ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ଉପତ୍ୟକାରୁ ଉପକୂଳକୁ ଯୋଡିବ ଏହି ନୂତନ ଟ୍ରେନ। ୫ ବର୍ଷରେ ରେଳ ବିକାଶ ପାଇଁ ଯେଉଁ କଥା ଦେଇଥିଲେ ଆଜି ଦୁଇ ବର୍ଷରେ ତାହା ପୂରଣ ହେବାକୁ ଯାଉଛି । ଏହା ହେଉଛି ଡବଲ ଇଞ୍ଜିନ ସରକାରର କମାଲ୍। ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଏହି ଟ୍ରେନ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ରେଳ ଷ୍ଟେସନରେ ସମସ୍ତ ସୁବିଧା କରାଯାଉଛି। ରଥଯାତ୍ରା ଅବସରରେ ୩୦୦ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ବୋଲି ସେ କହିଥିଲେ।

ଏହି ଅବସରରେ କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ଏବଂ ପୁରୀ ଜିଲ୍ଲା ପ୍ରଶାସନ ଓ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୯ରେ ହୀରାକୁଦରୁ ଛଡ଼ାଯିବ ବନ୍ୟାଜଳ

ସମ୍ବଲପୁର,୬।୭(ମହାଭାରତ): ଲଗାଣ ବର୍ଷା ପ୍ରଭାବରେ ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବଢୁଥିବାବେଳେ ହୀରାକୁଦ ଜଳଭଣ୍ଡାରକୁ ମଧ୍ୟ ବ୍ୟାପକ ପରିମାଣରେ ଜଳ ପ୍ରବେଶ କରୁଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୯ ଜୁଲାଇରେ ହୀରାକୁଦ ବନ୍ଧର ପ୍ରଥମ ଗେଟ୍ ଖୋଲାଯିବ। ଏହା ସହିତ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ମହାନଦୀକୁ ଛଡ଼ାଯିବ। ଦିନ ୧୧ଟା ରେ ହୀରାକୁଦ ବନ୍ଧର ପ୍ରଥମ ଗେଟ୍ ଖୋଲାଯିବା ନେଇ ସୂଚନା ମିଳିଛି। ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଉପରମୁଣ୍ଡରୁ ବିପୁଳ ପରିମାଣର ପାଣି ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରୁଛି।



ଜଳସ୍ତର ବୃଦ୍ଧିକୁ ନଜରରେ ରଖି ବନ୍ଧ କର୍ତ୍ତୃପକ୍ଷ ପରିସ୍ଥିତିର ସମୀକ୍ଷା କରିବା ପରେ ପ୍ରଥମ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଗେଟ୍ ଖୋଲାଯିବା ପରେ ମହାନଦୀର ତଳମୁଣ୍ଡ ଅଞ୍ଚଳରେ ଜଳସ୍ତର ବଢ଼ିବାର ସମ୍ଭାବନା ଥିବାରୁ ନଦୀକୂଳବର୍ତ୍ତୀ ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି। ଜଳ ସମ୍ପଦ ବିଭାଗ ମଧ୍ୟ ତଳିଆ ଅଞ୍ଚଳର ସ୍ଥିତି ଉପରେ କଡ଼ା ନଜର ରଖିଛି। ପ୍ରତିବର୍ଷ ବର୍ଷା ଋତୁରେ ହୀରାକୁଦ ବନ୍ଧରୁ ପ୍ରଥମ ବନ୍ୟାଜଳ ନିଷ୍କାସନକୁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବେ ଦେଖାଯାଏ। ଚଳିତ ବର୍ଷ ମଧ୍ୟ ବର୍ଷାର ତୀବ୍ରତାକୁ ଦୃଷ୍ଟିରେ ରଖି ନିୟନ୍ତ୍ରିତ ଭାବେ ବନ୍ୟାଜଳ ଛାଡ଼ିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ଚମ୍ପତଙ୍କ ସ୍ଥାନ ନେଲେ ବଜରଙ୍ଗ

ଅଯୋଧ୍ୟା୬।୭(ମହାଭାରତ):ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରେ ବଡ଼ ସାଙ୍ଗଠନିକ ପରିବର୍ତ୍ତନ ଘଟିଛି। ରାମ ମନ୍ଦିରର ଦାନ ଅର୍ଥ ଚୋରି ଘଟଣାକୁ ନେଇ ଚାଲିଥିବା ତଦନ୍ତ ମଧ୍ୟରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ଇସ୍ତଫାକୁ ଟ୍ରଷ୍ଟ ଗ୍ରହଣ କରିଛି। ସେହିପରି, ତାଙ୍କ ସ୍ଥାନରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍ପି)ର ଅନ୍ତର୍ଜାତୀୟ ସାଧାରଣ ସମ୍ପାଦକ ବଜରଙ୍ଗ ବାଗ୍ରାଙ୍କୁ ନୂଆ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଟ୍ରଷ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ବିବାଦ ବଢ଼ିବା ପରେ ଚମ୍ପତ ରାୟ ଗତ ଜୁନ୍ ୨୬ ତାରିଖରେ ନୈତିକ ଦାୟିତ୍ୱ ସ୍ୱୀକାର କରି ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ। ଏହି ମାମଲାରେ ତାଙ୍କ ଡ୍ରାଇଭରଙ୍କ ସମେତ ୮ ଜଣଙ୍କୁ ପୁଲିସ ଗିରଫ କରିଥିଲା। ଏହାପରେ ତଦନ୍ତକୁ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ଉଦ୍ଦେଶ୍ୟରେ ସେ ପଦ ଛାଡ଼ିଥିଲେ। ଟ୍ରଷ୍ଟର ଅନ୍ୟତମ ସଦସ୍ୟ ଅନିଲ ମିଶ୍ର ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ଏପର୍ଯ୍ୟନ୍ତ ଚମ୍ପତ ରାୟ କିମ୍ବା ଅନୀଲ ମିଶ୍ରଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ରୁଜୁ ହୋଇନାହିଁ।

## କୁଖ୍ୟାତ ଆନ୍ତଃରାଜ୍ୟ ଚୋରକୁ ଏନକାଉଣ୍ଟର

ଚମ୍ପୁଆ,୬।୭(ମହାଭାରତ): କେଉଁଝର ଏବଂ ମୟୂରଭଞ୍ଜ ଅଞ୍ଚଳରେରେ ୩୦ ରୁ ଅଧିକ ଚୋରି ମାମଲାରେ ଜଡିତ କୁଖ୍ୟାତ ଆନ୍ତଃରାଜ୍ୟ ଚୋର ମହମ୍ମଦ ନାଫିସ (ଝାଡ଼ଖଣ୍ଡ)କୁ ଏନକାଉଣ୍ଟର କରିଛି ଚମ୍ପୁଆ ପୁଲିସ। ଅଭିଯୁକ୍ତ ଆଜି ସକାଳ ପ୍ରାୟ ୫ଟା



ସମୟରେ ପତଳା ଜଙ୍ଗଲ ନିକଟରେ ପୁଲିସ ଦଳ ଉପରେ ଗୁଳି ୨ରାଉଣ୍ଡ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ ବେଳେ ଏନକାଉଣ୍ଟର କରିଛି ଚମ୍ପୁଆ ପୁଲିସ। ବିଭିନ୍ନ ସ୍ଥାନରୁ ଚୋରି ପରେ ଚୋରି ସାମଗ୍ରୀ ଚମ୍ପୁଆ ନିକଟସ୍ଥ ପତଳା ଜଙ୍ଗଲରେ ଲୁଚାଇ ରଖିଥିଲା ନାଫିସ। ଗିରଫ ପରେ ଚୋରି ସାମଗ୍ରୀ ଜବତ ପାଇଁ ପୁଲିସ ତାକୁ ଆଜି ସକାଳୁ ପତଳା ଜଙ୍ଗଲକୁ ନେଇଥିଲେ।

ସେଠାରେ ନାଫିସ ପୂର୍ବରୁ ଲୁଚାଇ ରଖିଥିବା ବନ୍ଧୁକରେ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ ବେଳେ ବ୍ୟକ୍ତିଗତ ପ୍ରତିରକ୍ଷା ପାଇଁ ପୁଲିସ ଗୁଳି ଚଳାଇଥିଲା, ଯେଉଁଥିରେ ଅଭିଯୁକ୍ତର ଡାହାଣ ଆଣ୍ଠୁରେ ଗୁଳି ଲାଗିଛି । ତାକୁ ଚମ୍ପୁଆର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇ ପରେ କେଉଁଝର ଜିଲ୍ଲାଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।ତା ନିକଟରୁ ଏକ ଦେଶୀ ନିର୍ମିତ ବନ୍ଧୁକ ଜବତ କରାଯାଇଛି । ଚମ୍ପୁଆ ଥାନାରେ ପି.ଏସ୍. ଧାରା ୧୦୯(୧)/୨୯୬ BNS r/w ୨୫/୨୭ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ମାମଲା ନଂ ୨୫୭/୨୦୨୬ ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଅଭିଯୁକ୍ତଙ୍କ ସହଯୋଗୀ ଏବଂ ଅପରାଧିକ ନେଟୱାର୍କକୁ ଠାବ କରିବା ପାଇଁ ପୁଲିସ ଅଧିକ ତଦନ୍ତ ଜାରି ରହିଛି।

## ଦୈନିକ ଚାଲିବ ବ୍ରହ୍ମପୁର-ଉଧ୍ନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସ, ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ

**ଗୁଜୁରାଟ ସହ ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଆହୁରି ନିବିଡ଼ ହେବ- ମୁଖ୍ୟମନ୍ତ୍ରୀ**

**ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ କରିବା ପାଇଁ ଖର୍ଚ୍ଚ ହେବ ୩୦୦ କୋଟି - ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ**

ଭୁବନେଶ୍ୱର ୬।୭(ମହାଭାରତ): ଓଡ଼ିଶାର ବିକାଶ ଯାତ୍ରାରେ ଆଜି ଏକ ନୂତନ ଫର୍ଦ୍ଧ ଯୋଡ଼ି ହୋଇଯାଇଛି। ରେଶମ ସହର ବ୍ରହ୍ମପୁରରୁ ବାହାରି ପଶ୍ଚିମ ଓଡ଼ିଶା ଦେଇ ଗୁଜୁରାଟର ଉଧ୍ନା (ସୁରଟ) ପର୍ଯ୍ୟନ୍ତ ଚାଲୁଥିବା ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ଆଜିଠାରୁ ନିକ ଟ୍ରେନ ରୂପେ ନିଜର ଯାତ୍ରା ଆରମ୍ଭ କରିଛି।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀ, ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏହାକୁ ଓଡ଼ିଶାର ବିକାଶ ଲାଗି ଏକ ଐତିହାସିକ ଦିନ ବୋଲି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁରଟ ସହ ଓଡ଼ିଶାର ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଅତି ନିବିଡ଼। ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକ ଓ ବ୍ୟବସାୟୀ ଭାଇମାନେ ସୁରଟରେ ରହି ସେଠାକାର ଟେକ୍ସଟାଇଲ ଓ ଡାଇମଣ୍ଡ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

ପୂର୍ବରୁ ସାପ୍ତାହିକ ଟ୍ରେନ ଯୋଗୁ ଯାତାୟତରେ ଅନେକ ଅସୁବିଧା ହେଉଥିଲା। ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ଏହି ସେବାକୁ ନିକ କରିଥିବାରୁ, ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପକ୍ଷରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଅତ୍ୟାଧୁନିକ ଟ୍ରେନ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଭାଇଭଉଣୀଙ୍କ ପାଇଁ ନିରାପଦ, ଶସ୍ତା ଓ ଦ୍ରୁତ ଯାତ୍ରାର ସୁବିଧା ପ୍ରଦାନ କରିବ। ଏହାଦ୍ୱାରା ଗୁଜୁରାଟ ସହ ଓଡ଼ିଶାର ସମ୍ପର୍କ ଆହୁରି ନିବିଡ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଭିତ୍ତିଭୂମି ଓ ଅର୍ଥନୈତିକ ପ୍ରଗତି ଉପରେ ଆଲୋକପାତ କରି କହିଛନ୍ତି ଯେ ଗତ ଦୁଇ ବର୍ଷ ମଧ୍ୟରେ



୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ଶିଳ୍ପ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ସହ ଆଗାମୀ ଦିନରେ ବାହୁଦା ଠାରେ ଏକ ବୃହତ୍ ବନ୍ଦର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ରହ୍ମପୁର ସହରକୁ 'ଗ୍ରେଟର ବ୍ରହ୍ମପୁର ସିଟି' ଭାବେ ବିକଶିତ କରିବା ସହ ବ୍ରହ୍ମପୁର-ଜୟପୁରକୁ ସଂଯୋଗ କରୁଥିବା ଏକ ୬-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ର ରେଳ, ଇଲୋକ୍ଟ୍ରୋନିକ୍ସ ଓ ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଅତୀତରେ ସୁରଟ ଠାରେ ଗୋଟିଏ ସଭାରେ ଯୋଗଦେଇଥିବା ଅବସରରେ ସୁରଟରୁ ବ୍ରହ୍ମପୁର ଯାଏ ନିୟମିତ ରେଳ ଚଳାଚଳ ପାଇ ଯେଉଁ ଅନୁରୋଧ କରାଯାଇଥିଲା, ଆଜି ତାହା ପୂରଣ କରାଯାଇଛି । ବର୍ତ୍ତମାନ ସମୟର ଖବଷ୍- ରଷ୍ୱଷ୍ୱ ଊରମଷଭକ୍ଟକ୍ଷକ୍ଟଶଚ୍ଚ ର ଟ୍ରେନ୍ ଅମୃତ ଭାରତ ଏକ୍ସପ୍ରେସ ବର୍ତ୍ତମାନ ଠାରୁ ପ୍ରତିଦିନ ବ୍ରହ୍ମପୁରରୁ ସୁରଟ ଅଭିମୁଖେ ଚଳାଚଳ କରିବ । ସେ ଆହୁରି ଘୋଷଣା କରିଥିଲେ ଯେ ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ ରେଳ ଷ୍ଟେସନ କରିବା ପାଇ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଓ ଏହାର କାମ ଖୁବ୍ ଶୀଘ୍ର ଆରମ୍ଭ ହେବ । ଏହି ଶୁଭାରମ୍ଭ ଉତ୍ସବରେ ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁରର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଆସ୍କାର ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ, ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ୍ ଙ୍କ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକଗଣ, ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ପୂର୍ବ ତଟ ରେଳପଥର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାଟି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାଟି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ



ଖବର

## ରିଲିଜ ଅପେକ୍ଷାରେ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'







ଶହ ଶହ ବର୍ଷ ଧରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଶ୍ରୀମନ୍ଦିରରେ ଅବଢ଼ା ବୋଝିଆ ଭାବେ ସେବା କରୁଥିବା ଏକ ସାଧାରଣ ଯୁବକଙ୍କ ଅସାଧାରଣ ସଂଘର୍ଷ, ଭକ୍ତି, ତ୍ୟାଗ ଓ ଆତ୍ମବିଶ୍ୱାସର କାହାଣୀ ହେଉଛି 'ଗଣ୍ଡ ଭୈରବ'ଯବିଶିଷ୍ଟ କାହାଣୀକାର ଶଙ୍କର ତ୍ରିପାଠୀଙ୍କ ହୃଦୟସ୍ପର୍ଶୀ କାହାଣୀ ଏବଂ ପ୍ରଖ୍ୟାତ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ, ଅଭିନେତା ଦେବାଶିଷ ପାତ୍ର ତାଙ୍କ ଅଭିନୟ ଜୀବନର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେଇଛନ୍ତି। ତାଙ୍କ ସହ ଏକ ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ନଜର ଆସିବେ ଶିବାନୀ ସଙ୍ଗୀତା ଏବଂ କେ. କେ.।ପ୍ରଯୋଜକ ଶ୍ରୀ ରମେଶ ବାରିକଙ୍କ ପ୍ରଯୋଜନାରେ ନିର୍ମିତ ଏହି ସିନେମା ସମ୍ପୂର୍ଣ୍ଣ ଭାବେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ସମର୍ପିତ।ଏହା କେବଳ ଏକ କାହାଣୀ ନୁହେଁ, ବରଂ ଓଡ଼ିଆ ଅସ୍ମିତା, ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଶ୍ରୀମନ୍ଦିର ପରମ୍ପରାର ଏକ ଅପୂର୍ବ ଉପସ୍ଥାପନା, ଯାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟକୁ ସ୍ପର୍ଶ କରିବ।

## ବାସ୍ତୁପୂଜା ସ୍ଥାନରେ ଗୃହ ନିର୍ମାଣ




ଭବନ ନିର୍ମାଣ ପୂର୍ବରୁ ଭୂମିର ଯେଉଁ ସ୍ଥାନରେ ବାସ୍ତୁ ପୂଜା ହୋଇଥାଏ, ସେହି ସ୍ଥାନକୁ ଭବନ ନିର୍ମାଣ ସମୟରେ ବାଦ୍ ଦେବା ଦ୍ୱାରା ଗୃହରେ ଗୁରୁତର ବାସ୍ତୁ ଦୋଷ ସୃଷ୍ଟି ହୋଇଥାଏ । କୌଣସି ପରିସ୍ଥିତିରେ ମଧ ଏପରି ଦୋଷ ଦୂର କରିବାକୁ ଚେଷ୍ଟା କରନ୍ତୁ । ନଚେତ୍ ଗୃହସ୍ଥଙ୍କ ଜୀବନରେ ନାନା ସମସ୍ୟା ଦେଖାଦେଇଥାଏ । ଭବନର ବ୍ରହ୍ମସ୍ଥାନ ଦୂଷିତ ହେଲେ ଏହାର କୁପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ଏଣୁ ଗୃହର ଡ୍ରେନେଜ୍ ବ୍ୟବସ୍ଥା ବାସ୍ତୁ ଅନୁଯାୟୀ ହେବା ଉଚିତ୍ । ଏଣୁ ବ୍ରହ୍ମସ୍ଥାନ ବା ଦକ୍ଷିଣ-ପଶ୍ଚିମକୋଣକୁ ଛାଡ଼ି ଗାଧୁଆଘରର ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଉଚିତ୍ । ଉତ୍ତର ଦିଗରେ ଏହି ବ୍ୟବସ୍ଥା ହେଲେ ଉତ୍ତମ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇପାରିବ ।

## ଭଗବାନ ଶ୍ରୀକୃଷ୍ଣଙ୍କ ଶଙ୍ଖ



ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୂତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଶବ୍ଦରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଶବ୍ଦ କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କଙ୍କ ଆଶ୍ରମରେ ରଖିଦେଇଯାଇଥିଲେ କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ ଥିବା ମଧ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

## ଘରେ କିପରି ରଖିବେ ଲଡୁଗୋପାଳଙ୍କୁ





ଭଗବାନ ଲଡୁଗୋପାଳଙ୍କ ମହିମା ସମସ୍ତଙ୍କୁ ଜଣା। ତେବେ ଯଦି ଘରେ ଲଡୁ ଗୋପାଳଙ୍କୁ ରଖିଛନ୍ତି ବିଧି ଅନୁଯାୟୀ ତାଙ୍କର ପୂଜାର୍ଚ୍ଚନା କରନ୍ତୁ। ଲଡୁ ଗୋପାଳ ଯେଉଁଘରେ ରହିଥାନ୍ତି, ସେହି ଘରକୁ ନିଜ ଘର ବୋଲି ମନେ କରିଥାନ୍ତି। ଘରର ସଦସ୍ୟମାନଙ୍କୁ ନିଜର ବୋଲି ଭାବିଥାନ୍ତି। ଭଗବାନ ଲଡୁ ଗୋପାଳ ନିଜକୁ ପରିବାରର ଜଣେ ସଦସ୍ୟ ଭାବେ ନିଜକୁ ମନେ କରନ୍ତି। ସର୍ବଦା ଶୁଦ୍ଧ କ୍ଷୀରରେ ତାଙ୍କୁ ସ୍ନାନ କରାଇ ସ୍ୱଚ୍ଛ ବସ୍ତ୍ର ପରିଧାନ କରାନ୍ତୁ। ଲଡୁଗୋପାଳଙ୍କୁ ସର୍ବଦା ଝୁଲଣାରେ ଅବସ୍ଥାପିତ କରନ୍ତୁ। ଘରକୁ ଯେକୌଣସି ମିଷ୍ଟାନ୍ନ ଆଣିଲେ ପ୍ରଥମେ ଲଡୁ ଗୋପାଳଙ୍କୁ ଅର୍ପଣ କରନ୍ତୁ। ଘରେ ଥିବା ଲଡୁ ଗୋପାଳଙ୍କର ଏକ ଭିନ୍ନ ନାମ ଦିଅନ୍ତୁ। ତାଙ୍କ ସହିତ ସର୍ବଦା ପ୍ରେମଭକ୍ତି ସହକାରେ କଥାବାର୍ତ୍ତା କରନ୍ତୁ। ପ୍ରେମର ସହ ତାଙ୍କୁ ଭୋଜନ କରାନ୍ତୁ। ପ୍ରତିଦିନ ରାତିରେ ଲଡୁ ଗୋପାଳଙ୍କୁ ଶୟନ କରାନ୍ତୁ। ପ୍ରତିଦିନ ପ୍ରାତଃ ସମୟରେ ପ୍ରେମର ସହ ତାଙ୍କୁ ଜାଗ୍ରତ କରାନ୍ତୁ। ଲଡୁ ଗୋପାଳ କୌଣସି ଘରେ ପ୍ରବେଶ କରାଇବା ବେଳେ ତାଙ୍କ ମଧ୍ୟରେ ପ୍ରାଣ ପ୍ରତିଷ୍ଠା ହୋଇ ଯାଇଥାଏ। ତେଣୁ ତାଙ୍କୁ ଏକ ପ୍ରତୀମା ସ୍ୱରୂପ ନ ମାନି ପରିବାର ସଦସ୍ୟ ଭାବି ଯଥାବିଧି ପୂଜାର୍ଚ୍ଚନା କରନ୍ତୁ ଏବଂ ଲଡୁ ଗୋପାଳଙ୍କ ଆଶୀର୍ବାଦ ଲାଭ କରନ୍ତୁ।

## ବୀର ଗୋଗା ଦେବଙ୍କ କଥା



ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି ଗୋଗାମେଡ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।

ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼ା ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଳିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

## ଫସଲ ବୀମା ସମନ୍ୱୟ କମିଟି ବୈଠକ

**ଭୁବନେଶ୍ୱର,୬।୭ (ମହାଭାରତ):** ଲୋକସେବା ଭବନଠାରେ ୬୪ତମ ରାଜ୍ୟସ୍ତରୀୟ ଫସଲ ବୀମା ସମନ୍ୱୟ କମିଟି (ଏସ୍ଏଲ୍ସିସିସିଆଇ) ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଖରିଫ-୨୦୨୬ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ନିରବଚ୍ଛିନ୍ନ ଓ ଫଳପ୍ରଦ କାର୍ଯ୍ୟକାରିତା ସହ ବିଭିନ୍ନ ନୀତିଗତ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।



ବୈଠକରେ କେନ୍ଦ୍ର ସରକାରଙ୍କ ପରାମର୍ଶ ଅନୁଯାୟୀ ଖରିଫ-୨୦୨୬ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ପୂର୍ବପରି ଜାରି ରଖିବା, ରାଜ୍ୟରେ ପ୍ରଚଳିତ ୬୦:୧୩୦ କପ ଓ କ୍ୟାପ ମଡେଲ ମଡେଲ୍ ଏବଂ ସ୍ଥାନୀୟ ବିପର୍ଯ୍ୟୟ ଓ ଅମଳ ପରବର୍ତୀ କ୍ଷତି ଉପରେ ଏକ ବିସ୍ତୃତ ଆଲୋଚନା ହୋଇଥିଲା।

ପାଣିପାଗ ସୂଚନା ନେଟୱାର୍କ ଏବଂ ତଥ୍ୟ ପ୍ରଣାଳୀ ((ଡବ୍ଲୁଆଇ ଏନଡିଏସ) ପ୍ରକଳ୍ପ ଅଧୀନରେ ରାଜ୍ୟରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଓ ବର୍ଷା ପରିମାପକ ସ୍ଥାପନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଉପଯୁକ୍ତ ସ୍ଥାନ ଚିହ୍ନଟ ପାଇଁ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଥିଲା।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଅଧିକ ଦକ୍ଷ ଓ ସ୍ୱଚ୍ଛ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ପ୍ରକଳ୍ପ ମନିଟରିଂ ୟୁନିଟ୍ (ଏସ୍‌ପିଏମ୍‌ୟୁ) ଗଠନ କରାଯାଇଛି। ଏହି ୟୁନିଟରେ ଷ୍ଟେଟ୍ ପ୍ରୋଜେକ୍ଟ ଲିଡ୍, ଆଇଇସି ବିଶେଷଜ୍ଞ, ଜିଆଇଏସ୍ ଓ ସଫ୍ଟୱେର ବିଶେଷଜ୍ଞ, କ୍ଷମତା ବିକାଶ ବିଶେଷଜ୍ଞ ଏବଂ କ୍ରୟ ବିଶେଷଜ୍ଞଙ୍କ ସମେତ ଏକ ଦକ୍ଷ ଟିମ୍ କାର୍ଯ୍ୟ କରୁଛି। ଏହି ୟୁନିଟ୍ ଯୋଜନାର ପର୍ଯ୍ୟବେକ୍ଷଣ, ଡିଜିଟାଲ୍ ପ୍ଲାଟଫର୍ମ ପରିଚାଳନା, ସଚେତନତା କାର୍ଯ୍ୟକ୍ରମ, ତଥ୍ୟ ପରିଚାଳନା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ଭଳି କାର୍ଯ୍ୟକୁ ସୁଦୃଢ଼ କରୁଛି। ବୈଠକରେ ରାଜ୍ୟ ପ୍ରକଳ୍ପ ମନିଟରିଂ ୟୁନିଟ୍ ?ର କାର୍ଯ୍ୟକୁ ଅବ୍ୟାହତ ରଖିବା ସହ କୃଷି ଓ କୃଷକ ସଶକ୍ତିକରଣ ନିର୍ଦ୍ଦେଶାଳୟ ଏବଂ ସମବାୟ ବିଭାଗକୁ ଆବଶ୍ୟକ ଆର୍ଥିକ ସହାୟତା ଜାରି ରଖିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଫସଲ ବୀମା ଯୋଜନାରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା, ଏଗ୍ରିଷ୍ଟାକ ଓ କିଷାନ କ୍ରେଡିଟ୍ କାର୍ଡଧାରୀଙ୍କ ଶତପ୍ରତିଶତ ଅନ୍ତର୍ଭୁକ୍ତି, ଡିଜିଟାଲ୍ କ୍ରପ୍ ସର୍ଭେର ବ୍ୟବହାର, ଫସଲ କଟା ପରୀକ୍ଷଣ ତଥ୍ୟର ଶତପ୍ରତିଶତ ସଂଗ୍ରହ ଏବଂ ପ୍ରଯୁକ୍ତିଭିତିକ ମନିଟରିଂ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-କମ୍-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ, ସମବାୟ ସମିତି ନିବନ୍ଧକ ମନୀଷ ଅଗ୍ରୱାଲ, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡଃ ବିଜୟ ଭୂଷଣ ନନ୍ଦ, ଓରସାକର ମୁଖ୍ୟ ନିର୍ବାହୀ ରଶ୍ମିତା ପଣ୍ଡାଙ୍କ ସମେତ ବିଭିନ୍ନ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୋଆ ଆଇବିସିଏସ୍ ପକ୍ଷରୁ ଫ୍ୟାକଲ୍ଟି ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୬।୭ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଫ୍ୟାକଲ୍ଟି ଅଫ୍ ବିଜ୍‌ନେସ୍ ଆଣ୍ଡ କମ୍ପ୍ୟୁଟର ସାଇନସେସ୍ (ଆଇବିସିଏସ୍) ପକ୍ଷରୁ ଗତ ଶନିବାର ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା, ଗବେଷଣା କ୍ଷମତା ଏବଂ ଶୈକ୍ଷିକ ନେତୃତ୍ୱକୁ ପୁନଃ ପରିଭାଷିତ କରିବା 'ଉପରେ ଏକ ୫ ଦିନିଆ ଫ୍ୟାକଲ୍ଟି ବିକାଶ କାର୍ଯ୍ୟକ୍ରମ (ଏଫ୍‌ଡିପି) ଆରମ୍ଭ ହୋଇଛି। "ଏଆଇ-ଏନାବଲଡ ଇଣ୍ଡଷ୍ଟ୍ରି ୫.୦ ମ୍ୟାନେଜମେଂଟ ଏଜୁକେସନ: ରିଡିଫାଇନିଂ ଟିଚିଂ ଏକ୍ସିଲେନସ୍, ରିସର୍ଚ୍ଚ କ୍ୟାପାବିଲିଟି ଆଣ୍ଡ ଏକାଡେମିକ ଲିଡରସିପ", ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପି. କେ. ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଟିସିଏସ୍‌ର ଗ୍ରୋଥ୍ ମାର୍କେଟ୍-କ୍ଲାଉଡ୍ ଇନଫ୍ରାଷ୍ଟଚର ୟୁନିଟ୍‌ର ଆପ୍ଲିକେସନ୍ ମଡର୍ଣ୍ଣାଇଜେସନ୍ ଆଣ୍ଡ ଡିଜିଟାଲ୍ ଟ୍ରାନ୍ସଫର୍ମେଶନ୍ ଡେଲିଭରି ହେଡ୍ ଡକ୍ଟର ଶ୍ରୀକାନ୍ତ କୁମାର ମହାପାତ୍ର, ସୋଆ ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର)




ଅୟଶକାନ୍ତ ମହାନ୍ତି, ଆସୋସିଏଟ୍ ଡିନ୍ ପ୍ରଫେସର (ଡକ୍ଟର) ମନୋରଞ୍ଜନ ଦାଶ ଏବଂ ପ୍ରଫେସର (ଡକ୍ଟର)ବନ୍ଦନା ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ ଶିଳ୍ପ ବିଶେଷଜ୍ଞମାନେ ସାମିଲ ହୋଇ କୃତ୍ରିମ ବୁଦ୍ଧିମତା ଉପରେ ଶିଳ୍ପ ୫.୦, ଡିଜିଟାଲ୍ ପରିବର୍ତ୍ତନ, ଏଆଇ ବ୍ୟବହାର ଦ୍ୱାରା ଶିକ୍ଷାଦାନ, ଗବେଷଣା, ଏଚ୍ଆର ଆନାଲିଟିକ୍ସ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇଥିବା ମ୍ୟାନେଜମେଂଟ ଶିକ୍ଷା ଉପରେ ବକ୍ତବ୍ୟ ରଖିଥିଲେ।

ଏହି କାର୍ଯ୍ୟକ୍ରମରେ ଟିସିଏସ୍‌ର ଡେଲିଭରି ହେଡ୍ ଡକ୍ଟର ମହାପାତ୍ର, ଟିସିଏସ୍‌ର ଏଆଇ କନ୍‌ସଲଟାଂଟ୍ ଶ୍ରୀମତୀ ସୀତା ନାୟକ, ଜାଭିୟର ବିଶ୍ୱବିଦ୍ୟାଳୟର ପ୍ରଫେସର (ଡକ୍ଟର) ସୁଚିତ୍ରା ପାଲ, ଟିସିଏସ୍ ର ଚିଫ୍ ଆର୍କିଟେକ୍ଟ ଶ୍ରୀ ବିଶ୍ୱରଞ୍ଜନ ଜେନା, ସିନିୟର୍ କନ୍‌ସଂଲାଟ୍ ଶ୍ରୀମତୀ ସସ୍ମିତା ପଟ୍ଟନାୟକ, ସୋଆ ଆଇବିସିଏସ୍‌ର ପ୍ରଫେସର (ଡକ୍ଟର) ବନ୍ଦନା ନାୟକ, ପ୍ରଫେସର (ଡକ୍ଟର) ଗଣେଶ ପ୍ରସାଦ ଦାସ, ସେଂଟ୍ରାଲ୍ ୟୁନିଭର୍ସିଟି, ରାଜସ୍ଥାନର ପ୍ରଫେସର (ଡକ୍ଟର) ଉମା ଶଙ୍କର ମିଶ୍ର, ଜାଭିୟର୍ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର (ଡକ୍ଟର) ଲଲାଟେନ୍ଦୁ କେଶରୀ ଜେନା, ଶ୍ରୀ ଶ୍ରୀ ୟୁନିଭର୍ସିଟି (ଏସ୍ଏସ୍‌ୟୁ)ର ପ୍ରଫେସର (ଡକ୍ଟର) ସୁନୀଲ କୁମାର ଧଳ, ବାଙ୍ଗାଲୁରୁ ୱିପ୍ରୋ ଲିମିଟେଡ୍‌ର ଏଆଇ ସ୍କିଲିଂ ହେଡ୍ ଶ୍ରୀ ଏସ୍.ପି. ମହାପାତ୍ର, ବେଙ୍ଗାଲୁରୁ ବିଜିନେସ୍ ଟେକ୍‌ନୋଲୋଜି କନ୍‌ସଂଲାଟ୍ ଶ୍ରୀ ପାର୍ଥ ପଣ୍ଡା, ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର (ଡକ୍ଟର) ଅମରେଶ ଚନ୍ଦ୍ର ନାୟକ ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ପୂର୍ବତନ ଜେନେରାଲ୍ ମ୍ୟାନେଜର(ଏଚ୍ଆର) ଶ୍ରୀ ସୂର୍ଯ୍ୟ କୁମାର ଷଡଙ୍ଗୀ ପ୍ରମୁଖ ବିଶେଷଜ୍ଞ ଭାବେ ଯୋଗ ଦେଇ ମତ ରଖିଥିଲେ।

## ଏମ୍ସ ଭୁବନେଶ୍ୱରରେ ଜାତୀୟ ଚିକିତ୍ସକ ଦିବସ

**ଭୁବନେଶ୍ୱର,୬।୭ (ମହାଭାରତ):** ଏମ୍ସ ଭୁବନେଶ୍ୱରରେ ସ୍ୱାସ୍ଥ୍ୟସେବା, ଚିକିତ୍ସା ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଏହାର ଅଧ୍ୟାପକ ଅଧ୍ୟାପିକା, ଆବାସିକ ଡାକ୍ତର ଏବଂ




ଇଂଟର୍ନଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକୃତି ପୂର୍ବକ, ଶ୍ରଦ୍ଧା ଏବଂ କୃତଜ୍ଞତାର ସହିତ ଜାତୀୟ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ଡିନ୍ (ଏକାଡେମିକ୍) ଡ. ଦିଲ୍ଲୀପ କୁମାର ପରିଡ଼ା ଏବଂ ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡ. ବିନୋଦ କୁମାର ପାତ୍ରୋ ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସମସ୍ତ ଅଂଶୀଦାରଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚିକିତ୍ସା ସେବା ପ୍ରଦାନ ଭଳି ପବିତ୍ର ବୃତିକୁ ସମ୍ମାନିତ କରିବା ଏବଂ ଏହାର ସ୍ୱାସ୍ଥ୍ୟସେବା କର୍ମୀଙ୍କ ଉତ୍ସର୍ଗୀକୃତ ଭାବନାକୁ ସ୍ୱୀକାର କରିବା, ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏହି ଅବସରରେ ଅନୁଷ୍ଠାନର ଚିକିତ୍ସକ, ଆବାସିକ ଡାକ୍ତର ଏବଂ ଇଣ୍ଟର୍ନଙ୍କୁ ସେମାନଙ୍କର ଅନୁକରଣୀୟ ସେବା, ବୃତିଗତ ପ୍ରତିବଦ୍ଧତା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଅକ୍ଳାନ୍ତ ପ୍ରୟାସ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଜାତୀୟ ଚିକିତ୍ସକ ଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ସ୍ନେହପୂର୍ଣ୍ଣ, ନୀତିଗତ ଏବଂ ପ୍ରମାଣ-ଭିତିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଚିକିତ୍ସକଙ୍କ ଅକ୍ଳାନ୍ତ ପ୍ରୟାସକୁ ପ୍ରଶଂସା କରିଥିଲେ। ଡାକ୍ତର, ଶିକ୍ଷକ, ପରାମର୍ଶଦାତା ଏବଂ ଗବେଷକ ଭାବରେ ଚିକିତ୍ସକଙ୍କ ବହୁମୁଖୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ବିଶ୍ୱାସ। ବୃତିଗତ ସାଧୁତା, ସହାନୁଭୂତି ଏବଂ ଜୀବନବ୍ୟାପୀ ଶିକ୍ଷାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ ଆବାସିକ ଡାକ୍ତର ଏବଂ ଇଣ୍ଟର୍ନମାନଙ୍କୁ ଉତ୍ସାହିତ କରିଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ୨୦ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୬।୭ (ମହାଭାରତ):** କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୨୦ତମ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସଂସ୍କୃତ ଶ୍ଳୋକ 'ବିଦ୍ୟା ଦଦାତି ବିନୟମ୍, ବିନୟଦ୍ ଯାତି ପାତ୍ରତାମ' ଉଦ୍ଧୃତ କରି କହିଲେ, ଜ୍ଞାନ ବିନମ୍ରତା ପ୍ରଦାନ କରେ ଓ ବିନମ୍ରତା ଯୋଗ୍ୟତା ଆଡ଼କୁ ନେଇଯାଏ। ଜ୍ଞାନ ଜଣେ ବ୍ୟକ୍ତିକୁ ବିନମ୍ର କରିଥାଏ, ବିନମ୍ରତା, ଦକ୍ଷତା ହାସଲ କରିବାରେ ସାହାଯ୍ୟ କରେ; ଏବଂ ଦକ୍ଷତା, ସଫଳତା ଏବଂ ଖୁସି ପାଇବା ପାଇଁ ପଥ ପ୍ରଶସ୍ତ କରିଥାଏ ବୋଲି କହିଥିଲେ। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ ବରଂ ଜୀବନବ୍ୟାପୀ ଶିକ୍ଷାର ଏକ ଭିତ୍ତିଭୂମି। ଏଠାରେ ଶିକ୍ଷା ଆରମ୍ଭ କରୁଥିବା ଅନେକ ଛାତ୍ର କିଟ୍ ପରିବାରର ଅଂଶ ହୋଇ କିଟ୍‌ର ମୂଳ ମୂଲ୍ୟବୋଧ ଏବଂ ସଂସ୍କୃତିକୁ ବଜାୟ ରଖି ଆଗକୁ ବଢ଼ିଥାନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅସାଧାରଣ ଦୃଷ୍ଟିକୋଣର ଉଦାହରଣ ଦେଇ ପ୍ରଫେସର ସିଂହ କହିଲେ,




ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନ ପାଇଁ ସବୁଠାରୁ ଶକ୍ତିଶାଳୀ ଉପକରଣ। ଶିକ୍ଷାର ପ୍ରକୃତ ତାତ୍ପର୍ଯ୍ୟ ହେଉଛି ଦାୟିତ୍ୱବାନ ନାଗରିକ ଗଢ଼ି ତୋଳିବା, ସମାଜ ପ୍ରତି ଯତ୍ନବାନ ଓ ମାନବ କଲ୍ୟାଣ ପାଇଁ ସକାରାତ୍ମକ ଅବଦାନ ରଖିବା ବୋଲି ସେ କହିଥିଲେ। କିଟ୍ ଓ କିସ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହା ସହ କେକ୍ କାଟି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ନିଜ ସ୍ୱାଗତ ଭାଷଣରେ, କିଟ୍ ଇଣ୍ଟର୍‌ନ୍ୟାସ୍‌ନାଲ୍ ସ୍କୁଲ୍ ଚେୟାରପର୍ସନ ଡ ମୋନାଲିସା ବଳ କହିଲେ, ୨୦୦୭ ମସିହାରେ ମାତ୍ର ୨୫ଜଣ ଛାତ୍ରଛାତ୍ରୀ ଓ ୧୪ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ କିଟ୍ ଇଣ୍ଟର୍‌ନ୍ୟାସ୍‌ନାଲ୍ ସ୍କୁଲ୍ ଯାତ୍ରା ଆରମ୍ଭ କରିଥିଲା। ଆଜି ଏହା ପୂର୍ବ ଭାରତର ଏକ ପ୍ରମୁଖ ଇଣ୍ଟର୍‌ନ୍ୟାସ୍‌ନାଲ୍ ସ୍କୁଲ୍ ମଧ୍ୟରୁ ଅନ୍ୟତମ ହୋଇପାରିଛି। ଏହା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଦୃଷ୍ଟିକୋଣ ପାଇଁ ସମ୍ଭବ ହୋଇପାରିଛି। କାରଣ ସେତେବେଳେ ବାସ୍ତବ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ମାନଦଣ୍ଡରେ କୌଣସି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଏଠାରେ ନଥିଲା। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ପିଲାମାନେ ସାହସର ସହ ଚିନ୍ତା କରିବା, ନିର୍ଭିକ ଭାବରେ ପରିବର୍ତ୍ତନକୁ ଗ୍ରହଣ କରିବା, ଉତ୍କର୍ଷତା ହାସଲ କରିବାରେ ସ୍ଥିର ରହିବା ସହ କେବେବି ନିଜର ମାନବିକତାକୁ ପରିତ୍ୟାଗ ନକରିବାକୁ ଆହ୍ୱାନ କରିଥିଲେ।

## ନୂଆପଡ଼ାରେ ଚାଷୀ ଆତ୍ମହତ୍ୟା ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ

**ଭୁବନେଶ୍ୱର,୬।୭ (ମହାଭାରତ):** ବିଜେପି ସରକାର ଚାଷୀ କୂଳ ପାଇଁ କାଳ ସାଜିଛି। ମଣ୍ଡିରେ ଅବ୍ୟବସ୍ଥା ପାଇଁ ଟୋକନ ଥାଇ ବି ଜଣେ ଚାଷୀ ଧାନ ବିକ୍ରି କରିପାରିଲା ନାହିଁ। ଶେଷରେ ପ୍ରଶାସନିକ ବିଫଳତା ପାଇଁ ବିଷ ପିଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଭଳି ଦୁଃଖଦ ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ଶ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ମୃତ ଚାଷୀ ନେପାଳ ମାଝୀଙ୍କ ପରିବାରକୁ ଭେଟିଥିଲେ।

ନୂଆପଡ଼ା ଜିଲ୍ଲାର କୋମନା ଥାନା ଅନ୍ତର୍ଗତ ଜଡ଼ାମୁଣ୍ଡା ଗାଁର ଗୋଲେଇପଡ଼ାର ଚାଷୀ ନେପାଳ ମାଝୀ (୪୫)ଙ୍କୁ ଟୋକନ ମିଳିବା ସତ୍ତ୍ୱେ ଧାନ ବିକ୍ରି କରିପାରିଲେ ନାହିଁ। ସେ ଚଳିତ ରବି ଋତୁରେ ୩ ଏକର ଜମିରେ ଧାନ ଓ ୨ ଏକର ଜମିରେ ଚିନାବାଦାମ ଚାଷ କରିଥିଲେ। ଧାନ ବିକ୍ରି ପାଇଁ ଆବେଦନ କରି ଗତ ମେ' ୩୦ ତାରିଖରେ ଟୋକନ୍ ପାଇଥିଲେ। ୩୬.୯୬ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ତାଙ୍କୁ ଅନୁମତି ମିଳିଥିଲା। ତେବେ ମଣ୍ଡିରେ ଅବ୍ୟବସ୍ଥା ପାଇଁ ଟୋକନ ପାଇବାର ୨୪ ଦିନ ପରେ ବି ଧାନ ବିକ୍ରି କରି ନ ପାରିବାରୁ ସେ



ମାନସିକ ଚାପରେ ରହୁଥିଲେ। ମଣ୍ଡିରୁ ଧାନ ଉଠିବା ଦାବିରେ ଅନ୍ୟ ଚାଷୀ ମାନଙ୍କ ସହ ସାମିଲ ହୋଇ ସେ ସିଏସଓ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। କିନ୍ତୁ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ବିଭାଗୀୟ ଅଧିକାରୀ ଚାଷୀଙ୍କ ଅଭିଯୋଗକୁ କୌଣସି ଗୁରୁତ୍ୱ ଦେଇନଥିଲେ। ଧାନ କ୍ରୟରେ ବିଳମ୍ବ ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥିଲା। ଧାର ଉଧାର ଶୁଝିବା ଓ ପରିବାର ପ୍ରତିପୋଷଣ ପାଇଁ ଚାପରେ ରହି ମାନସିକ ଭାରସାମ୍ୟ ହରାଇ ସୋମବାର ଅପରାହ୍ନରେ ବିଷ ପିଇ ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି, ଯାହାକି ଅତ୍ୟନ୍ତ ନିନ୍ଦନୀୟ।

ନୂଆପଡ଼ା ଜିଲ୍ଲାରେ ରବି ଋତୁ ଧାନ ସଂଗ୍ରହ ପାଇଁ ୨୦ ଦିନରୁ ଊର୍ଦ୍ଧ୍ୱ ସମୟ ବିଳମ୍ବରେ ମଣ୍ଡିରୁ ଧାନ କିଣା ଆରମ୍ଭ ହେବାରୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ମଣ୍ଡିରେ ପ୍ରାୟ ୫ ଲକ୍ଷ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଧାନ ବିକ୍ରୟ ପାଇଁ ଚାଷୀ ମାନଙ୍କୁ ଅନେକ ଦିନ ଧରି ମଣ୍ଡିରେ ଅପେକ୍ଷା କରି ରହିବାକୁ ପଡୁଛି। ଚାଷୀର କଷ୍ଟ ଉପାର୍ଜିତ ଧାନ ଖୋଲା ଆକାଶ ତଳେ ମଣ୍ଡିରେ ପଡ଼ି ରହିଥିବାରୁ ବର୍ଷାରେ ଓଦା ହୋଇ ସେଥିରୁ ଗଜା ବାହାରିଲାଣି। ଏହାଦ୍ୱାରା ଚାଷୀ ଆର୍ଥିକ କ୍ଷତି ସହିବା ସହ ମାନସିକ ଚାପରେ ରହୁଛନ୍ତି। ଧାନ ବିକ୍ରି ପାଇଁ ମଣ୍ଡିରେ ରହିବାକୁ ପଡୁଥିବାରୁ ଚାଷୀ ଚାଷଜମିକୁ ଫେରି ଖରିଫ ଚାଷ ଆରମ୍ଭ କରିପାରୁ ନାହାନ୍ତି। ଏନେଇ ବିଜେଡି ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଭୂମିକମ୍ପ ଏବଂ ଅଗ୍ନି ନିରାପତା ମକ୍ ଡ୍ରିଲ

**ଭୁବନେଶ୍ୱର,୬।୭ (ମହାଭାରତ):** ପୂର୍ବତଟ ରେଳପଥ ଓଡ଼ିଶା ସରକାରଙ୍କ ଅଗ୍ନିଶମ ସେବା ଶାଖା ସହିତ ସମନ୍ୱୟରେ ଭୁବନେଶ୍ୱରର ରେଳ ଅଡିଟୋରିଅମରେ ଭୂମିକମ୍ପ ସତର୍କତାମୂଳକ ପଦକ୍ଷେପ ପ୍ରସ୍ତୁତି ଏବଂ ଅଗ୍ନି ନିରାପତା ଉପରେ ଏକ ବ୍ୟାପକ ମକ୍ ଡ୍ରିଲ୍ ଆୟୋଜନ କରିଛି। କାର୍ଯ୍ୟାଳୟ ପରିସର ଏବଂ ସଂଲଗ୍ନ ଆବାସିକ କଲୋନୀ ମଧ୍ୟରେ ଭୂମିକମ୍ପ ଏବଂ ଅଗ୍ନିକାଣ୍ଡ ଭଳି ଜରୁରୀକାଳୀନ ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ପ୍ରସ୍ତୁତିର ସ୍ତର ମୂଲ୍ୟାଙ୍କନ ଏବଂ ବୃଦ୍ଧି କରିବା ପାଇଁ ଏହି ଅଭ୍ୟାସ କରାଯାଇଥିଲା। ରାଜ୍ୟ ଅଗ୍ନି ନିର୍ବାପକ ବାହିନୀ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ଦଳଗୁଡ଼ିକର କର୍ମଚାରୀମାନଙ୍କ ସହିତ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସକ୍ରିୟ ଭାବରେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ଜରୁରୀକାଳୀନ ପରିସ୍ଥିତିରେ ଦ୍ରୁତ ସ୍ଥାନାନ୍ତର ପ୍ରକ୍ରିୟା



ଏବଂ ପରେ ଅଗ୍ନିକାଣ୍ଡର ବିଭିନ୍ନ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଥିଲା। ଅଗ୍ନିଶମ ଏବଂ ଉଦ୍ଧାର ଦଳଗୁଡ଼ିକ ବ୍ୟବସ୍ଥିତ ସ୍ଥାନାନ୍ତର, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ, ଅଗ୍ନି ଦମନ କୌଶଳ ଏବଂ ପ୍ରଭାବିତ ବାସିନ୍ଦାଙ୍କ ନିରାପଦ ପରିଚାଳନା ପ୍ରଦର୍ଶନ କରିଥିଲେ। ସମ୍ଭାବ୍ୟ ବିପଦକୁ କମ କରିବା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁଗମ ସମନ୍ୱୟ, ତୁରନ୍ତ ଯୋଗାଯୋଗ ଏବଂ ଦ୍ରୁତ ପ୍ରତିକ୍ରିୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡ୍ରିଲ୍ ସମୟରେ, ଅଂଶଗ୍ରହଣକାରୀମାନଙ୍କୁ ସତର୍କତାମୂଳକ ପଦକ୍ଷେପ, ଅଗ୍ନି ନିରାପତା ଉପକରଣର ବ୍ୟବହାର, ସମାବେଶ ପ୍ରୋଟୋକଲ୍ ଏବଂ ମୌଳିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ବିଷୟରେ ମଧ୍ୟ ସଚେତନ କରାଯାଇଥିଲା।

## ରାୟଗଡା ଝିଅ ଶିବାନୀ ରେଡକ୍ରସ୍ ପାଇଁ ଗର୍ବ ଓ ଗୌରବ

**ଭୁବନେଶ୍ୱର,୬।୭ (ମହାଭାରତ):** ଓଡିଶା ପୋଲିସ୍‌ର ସବ-ଇନ୍ସପେକ୍ଟର ତଥା କମିଶନରେଟ ପୋଲିସ ଭୁବନେଶ୍ୱରରେ କାର୍ଯ୍ୟରତ



ରାୟଗଡା ଜିଲ୍ଲାର ଝିଅ ଶିବାନୀ ନନ୍ଦ ପୋଲିସ କମିଶନରେଟ ରେଡକ୍ରସ୍ ପାଇଁ ଗର୍ବ। ନିକଟରେ ଭୁବନେଶ୍ୱରରେ ଓଡିଶା ରାଇଫଲ ସଂଘ ଆନୁକୁଲ୍ୟରେ ଅନୁଷ୍ଠିତ ୧୫ ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗନେଇ ୨୫ ମିଟର ଓ ୦.୨୨ ପିସ୍ତଲ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ସ୍ୱର୍ଣ୍ଣ ପଦକ ଜିତି ପୋଲିସ କମିଶନରେଟ ସହିତ ରାୟଗଡା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଗୁଣୁପୁରର ଚାଲକମ୍ବା ଗାଁର ବଙ୍ଗାଳୀ ନନ୍ଦଙ୍କ ଝିଅ ଶିବାନୀ ନନ୍ଦ। ଉଦ୍‌ଯାପନୀ ଉତ୍ସବରେ ଜାତୀୟ ରାଇଫଲ ସଂଘର ସଭାପତି କଳିକେଶ ନାରାୟଣ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ରାଇଫଲ ସଂଘର ଉପଦେଷ୍ଟା ଶରତ ଚନ୍ଦ୍ର ଦେବ, ସଭାପତି ଗୌରି ମହାନ୍ତି, ଉପ-ସଭାପତି ରୋମେଓ କାନ୍ତ ନନ୍ଦ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଯୁଗ୍ମ-ସମ୍ପାଦକ ଆଶିଷ ନାୟକ ଓ କୋଷାଧ୍ୟକ୍ଷ ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସବ-ଇନ୍ସପେକ୍ଟରଶିବାନୀ ନନ୍ଦ ପୋଲିସ କମିଶନରେଟରେ କାର୍ଯ୍ୟ କରିବା ସହିତ ଭାରତୀୟ ରେଡକ୍ରସ୍ ସୋସାଇଟି ପୋଲିସ କମିଶନରେଟ ଆଞ୍ଚଳିକ ଶାଖାରେ ସ୍ୱେଚ୍ଛାକୃତ ରକ୍ତଦାନ ଭଳି ବହୁ ସାମାଜିକ କାମ କରୁଛନ୍ତି।

## ମୁଖ୍ୟ ଶାସନ ସଚିବଙ୍କ ଓଏସଡି ଭାବେ ପିନାକୀ ପଟନାୟକଙ୍କ କାର୍ଯ୍ୟଭାର ଗ୍ରହଣ

**ଭୁବନେଶ୍ୱର,୬।୭ (ମହାଭାରତ):** ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଲୋକସେବା ଭବନ ସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷଠାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ତଥା ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି ।ମୁଖ୍ୟ ଶାସନ ସଚିବଙ୍କ ଓଏସଡି କଲ୍ୟାଣ କୁମାର ରଥଙ୍କ ସରକାରୀ ସେବାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ ସହ ନବନିଯୁକ୍ତ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ପିନାକୀ ପଟନାୟକଙ୍କୁ ସ୍ୱାଗତ କରାଯାଇଛି। ଶ୍ରୀ ରଥ ଦୀର୍ଘ ବର୍ଷ ଧରି ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ସଫଳତାର ସହ ନିର୍ବାହ କରିବା ପରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ଭାବେ ମଇ ୨୦୨୩ ଠାରୁ




କାର୍ଯ୍ୟରତ ଥିଲେ। ସରକାରୀ ସେବାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ ପରେ ସେ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏହି ଅବସରରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଗଣ ଶ୍ରୀ ରଥଙ୍କ ନେତୃତ୍ୱ, ଦୂରଦର୍ଶିତା ଏବଂ ଉଚ୍ଚକୋଟୀର ସମନ୍ୱୟ କ୍ଷମତାକୁ ଭୂୟସୀ ପ୍ରଶଂସା କରିବା ସହ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ପରିଚାଳନାକୁ ସେ ଅଧିକ ସୁଦୃଢ଼ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏଥି ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଗଣ ଶ୍ରୀ ରଥଙ୍କ ନୂତନ ଦାୟିତ୍ୱ ସଫଳ ଓ ଗୌରବମୟ ହେଉ ବୋଲି ଶୁଭେଚ୍ଛା ଜଣାଇଥିଲେ। ସେହିପରି, ଆଜିଠାରୁ ମୁଖ୍ୟ ଶାସନ ସଚିବଙ୍କ ନୂତନ ଓଏସଡି ଭାବେ ଯୋଗଦାନ କରିଥିବା ପିନାକୀ ପଟନାୟକଙ୍କୁ କାର୍ଯ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସାଦର ସ୍ୱାଗତ କରାଯାଇଥିଲା। ଉପସ୍ଥିତ ଅଧିକାରୀମାନେ ଶ୍ରୀ ପଟନାୟକଙ୍କୁ ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଥିଲେ। ଶ୍ରୀ ପଟନାୟକ ସମ୍ପ୍ରତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଅତିରିକ୍ତ ଶାସନ ସଚିବ ଏବଂ ଓଡ଼ିଶା ସ୍କିଲ୍ ଡେଭେଲପମେଣ୍ଟ ଅଥରିଟିର ଅଧ୍ୟକ୍ଷଙ୍କ ଓଏସଡି ଭାବେ କାର୍ଯ୍ୟରତ ଥିଲେ। ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ପରାମର୍ଶଦାତା ଶ୍ରୀ ଦେବେନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନୁପ୍ରବେଶକାରୀଙ୍କୁ ତଡ଼ିବା

ଏବେ ଅନୁପ୍ରବେଶକାରୀଙ୍କୁ ତଡ଼ିବା ନିମନ୍ତେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ହାତଛଡ଼ା କରାଯିବା ଅନୁଚିତ। ଏହା ହିଁ ଭାରତର ସମାଜିକ ଏବଂ ଆର୍ଥିକ ବିକାଶରେ ଏକ ମୁଖ୍ୟ ପ୍ରତିବନ୍ଧକ। ପହଲଗାମ ଆକ୍ରମଣ ଆମକୁ ସଚେତନ କରାଇଛି। ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ। ପଡ଼ୋଶୀ ଦେଶରେ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି। କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ୍ୟ ବାଧ୍ୟ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ୍ୟ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥ;ୀ ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ଭୌଗଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୋିଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ୍ୟ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି। ପଶ୍ଚିମବଙ୍ଗରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ତ୍ତେ ସେମା୍ନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି। କାରଣ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି । କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି। ଏହା ଯଥାର୍ଥ। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରୁ ମଧ୍ୟ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ। ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ୍ୟ ସ୍ୱଦେଶକୁ ଫେରିଆସିବା ଉଚିତ। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି। କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି। ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି।

# ରାଜ୍ୟରେ ଜଳ ସଙ୍କଟ

**॥ ଡ଼ଃ. ଅରୁନ୍ଧତୀ ଦେବୀ ॥**

> ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମାଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢେ଼ଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହ ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅଭିନ୍ନ

**॥ ଅନୀତା ପଟ୍ଟନାୟକ ॥**

ସେ ଦିନ ଥାଏ ହୋଲି। ପୁରୀର ବଡ଼ଦାଣ୍ଡ ବୃନ୍ଦାବନ ପରି ଲାଗୁଥାଏ। ସପ୍ତରଙ୍ଗର ହୋଲି ଖେଳରେ ବଡ଼ଦାଣ୍ଡର ଜଳବାୟୁ ରଙ୍ଗାୟିତ ହେଉଥାଏ। ଇଛା ହେଉଥାଏ ଜଗନ୍ନାଥଙ୍କର ଏକ ନାମକରଣ କରିବା ପାଇଁ ଯଥା 'ଓଁ ଶ୍ରୀ କୋଳାହଳପ୍ରିୟାୟ ନମଃ'। କୃଷ୍ଣ ମୁକ୍ତିକାନ୍ତ ନିଜର ପ୍ରାର୍ଥନା ଗୃହରେ ସ୍ୱର୍ଣ୍ଣରଙ୍ଗରେ ବନ୍ଧାଇ ହୋଇଥିବା କୃଷ୍ଣଙ୍କର ଫଟୋ ନିକଟରେ ବସିଥାନ୍ତି। ଆଖିରୁ ଧାରଧାର ଲୁହ ଝରି ଆସୁଥାଏ। ସକାଳେ ସମୟ ଥାଏ ଓ ସେ ତେନ ଅବସ୍ଥାରେ ଥାଆନ୍ତି। ସେ ଜେଜେମା ଜେଜେବାପାଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ଅଲୌକିକ କାହାଣୀ ଶୁଣି ସେ କୃଷ୍ଣଙ୍କ ନିକଟକୁ ଆକର୍ଷିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କର ସର୍ବବ୍ୟାପକତ୍ୱ ଓ ସର୍ବତ୍ର ବିଦ୍ୟମାନର ନିର୍ଦ୍ଦେଶ ମଧ୍ୟ ପାଇଥିଲେ। ସେ ନୀଳରଙ୍ଗର ବଂଶୀଧାରୀ କୃଷ୍ଣ ଫଟୋରେ ଦିବ୍ୟତ୍ୱର ଝଲକ ସ୍ମିତହାସ୍ୟ ସୁଦର୍ଶନର ଚାହାଣୀ ଓ ତାଙ୍କର ଉଜ୍ଜ୍ୱଳ ଶ୍ରୀମୁଖକୁ ହୃଦୟଙ୍ଗମ କରିପାରୁଥିଲେ। କୃଷ୍ଣମୁକ୍ତିକାନ୍ତ କ୍ରନ୍ଦନ କରି କହିଉଠିଲେ 'ମୋ ନିଜ ଠାରୁ ତୁମେ ମତେ ଅଧିକ ଭଲ ଭାବରେ ଜାଣ'। ମୋ ପ୍ରତି ଏତେ ନିଷ୍ଠୁର କାହିଁକି ? ଏକଦା ଚିନ୍ତନ କରୁଥିବା ବେଳେ, ମାତୃଗର୍ଭର କଷ୍ଟରୁ ଦିନେ ମତେ ମୁକ୍ତି ଦେଇ ଏ ପୃଥିବୀକୁ ଆଣିଥିଲ। ମୋର ନାମକରଣ ମଧ୍ୟ କରାଇଥିଲ। ଚାଉଳରେ ସୁନା ମୁଦିଟିଏ ଦେଇ ଜଗନ୍ନାଥଙ୍କ ନିକଟରେ ପୁରୋହିତଙ୍କ ହାତକୁ ଟେକି ଦେଇ ମୋର ପିତାମାତା ମୋର ନାମକରଣ କରାଇଥିଲେ। ସେହିଦିନ ଠାରୁ ସବୁଦିନ ଅଇନାରେ ମୁହଁକୁ ଦେଖି ନିଜର ଦକ୍ଷତା ଓ ପ୍ରତିଭାକୁ ମୁଁ ବଢ଼ାଇ ଚାଲିଲି। ଖେଳକୁଦ ଠାରୁ ଆରମ୍ଭ କରି ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ସହିତ ଜଣେ ପ୍ରତିଭାବାନ ବ୍ୟକ୍ତିରୂପେ ପ୍ରତୀୟମାନ ହୋଇପାରିଲି। ଜଣେ ଉଜ୍ଜ୍ୱଳରତ୍ନ ଭାବେ ପରିଚିତ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ହେଲି। ନମ୍ରତା ଓ ସେବାର ପ୍ରତୀକ ଭାବେ ପରିଗଣିତ ହେଲି। ସମୟ ଆସିଲେ ତୁମେ ଓ ମୁଁ ଏକତ୍ରିତ ହେବ। ଆଜିର ଏ ହୋଲିପର୍ବରେ ବାହାରକୁ ଯାଅ ନିଜର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନଙ୍କ ସହ ମିଶି ହୋଲି ଖେଳି ଆନନ୍ଦିତ ହୁଅ। ବର୍ତ୍ତମାନ ସମୟରେ ତୁମର ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ ସବୁକିଛି ଜନସେବାରେ ନିୟୋଜିତ କର। ପ୍ରଥମ ପର୍ଯ୍ୟାୟରେ ମୁଁ ଓ ତୁମେ ଭିନ୍ନ ବୋଲି ଭାବି ମାତୃଗର୍ଭରେ ଖୁବ ଆକୁଳ ପ୍ରାର୍ଥନା କରିଥିଲ। ପରବର୍ତ୍ତୀ ସମୟରେ ଜାଣନ୍ତରେ ହେଉବା ଅଜାଣନ୍ତରେ ହେଉ ସେହି ମନ, ବୁଦ୍ଧି, ଚିତ୍ତକୁ ପ୍ରୟୋଗକରି ସମସ୍ତଙ୍କ ମାଧ୍ୟମରେ ମୁଁ ଅଛି ବୋଲି ମନଦ୍ୱାରା ବିଚାର କରି ତୁମେ



ସେବାକରି ସମାଜରେ ପ୍ରତିଷ୍ଠିତ ହେବା ସହିତ ଅନେକ ସରକାରୀ ଓ ବେସରକାରୀ ପୁରସ୍କାର ପ୍ରାପ୍ତ ହୋଇ ପାରିଛି। ହେ କୃଷ୍ଣ ମୁକ୍ତିକାନ୍ତ ଏବେ ତୁମ ନାମର ସାର୍ଥକତା ପ୍ରତିପାଦନ କରିବାର ସମୟ ପାଖେଇ ଆସୁଛି। ହୋଲିର ସପ୍ତ ରଙ୍ଗରେ ନିଜକୁ ରଙ୍ଗାୟିତ କରି ସମସ୍ତଙ୍କ ମନରେ ଆନନ୍ଦ ବିଚ୍ଛୁରିତ କର। ନିଜର ବୁଦ୍ଧି ବିବେକ ଓ ପ୍ରତିଷ୍ଠା ଦ୍ୱାରା ପ୍ରମାଣିତ କରିଦିଅ ଯେ ମନଦ୍ୱାରା ଭଗବାନଙ୍କ ଠାରୁ ଯେଉଁ ଆଶୀର୍ବାଦ ପାଇଛ ତାହା ପ୍ରକୃତ ଆନନ୍ଦ ନୁହେଁ ଗୋଟିଏ କାମରେ ଲାଗିପଡ଼ ତାହା ହେଉଛି ତୁମେ ଓ ମୁଁ ଅଭିନ୍ନ। ଏପରି ଚେତନାରେ ପହଞ୍ଚି ।ପରିଲେ ତୁମ ହୃଦୟରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ ହୋଇପାରିବ। ତୁମେ ପ୍ରକୃତ ଆନନ୍ଦ ପାଇପାରିବ, ଆନନ୍ଦ ପାଇଁ ଭିକ୍ଷା କରିବାକୁ ପଡ଼େନାହିଁ। କୃଷ୍ଣ ମୁକ୍ତିକାନ୍ତ ନୁହେଁ କେବଳ କୃଷ୍ଣ ଏହି ଆନନ୍ଦର କାରଣ। ଶଙ୍କରାଚାର୍ଯ୍ୟଙ୍କର ଏହି ପଂକ୍ତି ମନେରଖ। 'ମାକୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳସର୍ବଂ'। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେଇ ତାର ପ୍ରଚାର ପ୍ରସାର ପାଇଁ ମୁଁ ଅନେକ କାର୍ଯ୍ୟ କଲି। ସମସ୍ତଙ୍କୁ ଆନନ୍ଦର ଉତ୍ସ ବୋଲି ବିବେଚନା କରୁଥିଲେ ମଧ୍ୟ ନିଜ ଭିତରେ ପ୍ରକୃତ ଆନନ୍ଦ ପାଇପାରୁନାହିଁ କାହିଁକି ?

ସେ ଦିନ ନିଜର ପତ୍ନୀ ଓ ପୁତ୍ର ଅନ୍ୟ ଏକ ଘରେ ଶୋଇଥାନ୍ତି ଓ ମୁକ୍ତିକାନ୍ତ ଜୀବନରେ ଶୂନ୍ୟସ୍ଥାନ ପୁରାଣରେ ମାତିଥାନ୍ତି। କ୍ରନ୍ଦନ କରି କହୁଥାନ୍ତି। ହେ କୃଷ୍ଣ ମୋ ପ୍ରତି ତୁମେ ଏତେ ବଧିର କାହିଁକି ? ତୁମର ଆଶୀର୍ବାଦ ପାଇବା ପାଇଁ ମୁଁ କଣ ଯୋଗ୍ୟ ନୁହେଁ କି ? ଉପହାରଟିଏ ଦିଅ ମୁଁ ତୁମଠାରୁ ବିଶେଷ କିଛି ଚାହୁଁ ନାହିଁ। ମତେ କୁହାଯାଇଥିଲା ତୁମ ସହିତ ମିଳନ ହେଲେ ଆନନ୍ଦ ମିଳେ ହେଲେ ମୋର ଆନନ୍ଦ କାହିଁ ? କୃଷ୍ଣ ମୁକ୍ତିକାନ୍ତ ଦେଖିଲେ ବଂଶୀଧାରୀ କୃଷ୍ଣ ସ୍ମିତହାସ୍ୟ କରୁଛନ୍ତି। ସେ ସ୍ମିତହାସ୍ୟରେ ଇଙ୍ଗିତପୂର୍ଣ୍ଣ ଚକ୍ଷୁରେ ସୂଚନା ଦେଉଥାନ୍ତି ହେ ପ୍ରୀୟ ମୁକ୍ତିକାନ୍ତ ! ତୁମର ମାତୃଗର୍ଭରେ ଥିବା ସମୟ ଠାରୁ ଆଜି ପର୍ଯ୍ୟନ୍ତ ତୁମେ ଯାହା ଚିନ୍ତା କରିଛ, ଯେତେବେଳେ ଯାହା ମାଗିଛ, ତାହା ମୁଁ ତୁମକୁ ଦେଇଛି। ତୁମେ ନିଜକୁ ସମାଜରେ ଯେପରି ଭାବେ ପ୍ରତିଷ୍ଠା କରି ପାରିଛ ସେ ସୁ ମୋର ଆଶୀର୍ବାଦ ବିନା ସମ୍ଭବ ନୁହେଁ। ତୁମେ ଯେଉଁ ତୁମର ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦକୁ ପୂରଣ କରିବାକୁ ଚାହୁଁଛ ତାହା ତୁମର ମନ, ବୁଦ୍ଧି, ଅହଂକାର ଦ୍ୱାରା ପୂରଣ ହୋଇପାରିବନାହିଁ। ତୁମେ ଓ ମୁଁ ଏକତ୍ରିତ ହେଲେ ହିଁ ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦ ପୂରଣ ହୋଇପାରିବ। ସେତେବେଳେ ତୋର ଓ ମୋର ଭାବ ନଥିବ। ଦ୍ୱୈତ ଭାବ ଦୁଃଖ ଦିଏ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# କୋସୋଭା ଟାସ୍କଫୋର୍ସର ଷଡଯନ୍ତ୍ରକାରୀ

**॥ ସୌମେନ୍ଦ୍ର ଜେନା ॥**

ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ । ସେମିତି ଜାହିଦ ମୋହସିନ ଆଇସିଏନ୍‌ଏ ଚିକାଗୋର ଅଧ୍ୟକ୍ଷ ୪ବର୍ଷ ଧରି ରହିଥିଲେ । ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚ଼ରିଟିଜର ଅଧ୍ୟକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା ।

କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ । ୧୯୬୭ରେ ଏହା ଆରମ୍ଭ ହୋଇଥିଲା । ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା । ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି । ଅନେକ ସଂଗଠନ ମିଶି ସମର୍ଥନ ମଧ୍ୟ କରୁଛନ୍ତି । ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ । ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ । ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚ଼ର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା । ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର ବୈଚ଼ରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି । ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମୁଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍ସରେ ମଧ୍ୟ କାର୍ଯ୍ୟ କରିଥିଲେ ।

ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍‌କାଇଥିଲେ । ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚ଼ରିଆଡୁ ଚ଼ନ୍ଦା ସଂଗ୍ରହ କରିଛି । କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି । କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ 'ହେଲ୍‌ପ ଇଣ୍ଡିଆ ବ୍ରିଦ୍' ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚ଼ନ୍ଦା ସଂଗ୍ରହ କରିଥିଲା । ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି ,ଯାହା ଜେଲର ସେବା ସଂସ୍ଥା । ଅଲ୍ ଖିଦମତ ହିଜବୁଲ ମୁଜାହିଦ୍ଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ । କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି । ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର । ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ । ସେବା ଆଳରେ ସନ୍ତ୍ରାସର ଚ଼ରାରୋପଣକାରୀ ଏହିସବୁ ସଂଗଠନଗୁଡିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ ।

ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩

## ଉଦ୍ଘାଟନ ପୂର୍ବରୁ ଭୁଶୁଡ଼ିଲା ବିକାଶର ମୁଖା ! ଜବାନ ନଦୀ ପୋଲ ଆପ୍ରୋଚ୍ ରୋଡ୍‌ରେ ବଡ଼ ଫାଟ, ନିର୍ମାଣ ଗୁଣବତ୍ତାକୁ ନେଇ ଉଠିଲା ସଙ୍ଗୀନ ପ୍ରଶ୍ନ

ଲକ୍ଷ୍ମୀପୁର, (ମହାଭାରତ) :କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଜବାନ ନଦୀ ଉପରେ ନୂତନ ପୋଲ ଉଦ୍ଘାଟନ ହେବା ପୂର୍ବରୁ ହିଁ ବିବାଦରେ ଛନ୍ଦି ହୋଇପଡ଼ିଛି। ପୋଲକୁ ସଂଯୋଗ କରୁଥିବା ଆପ୍ରୋଚ୍ ରୋଡ୍‌ରେ ବଡ଼ ବଡ଼ ଫାଟ ସୃଷ୍ଟି ହେବା ସହ ରାସ୍ତାର କିଛି ଅଂଶ ଦବିଯାଇଥିବା ଘଟଣା ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ମାତ୍ର କିଛିଦିନର ବର୍ଷାରେ ଯଦି ନୂଆ ରାସ୍ତା ଏଭଳି ଫାଟିଯାଏ, ତେବେ ବର୍ଷ ବର୍ଷ ଧରି ଏହି ପୋଲ କିପରି ଜନସାଧାରଣଙ୍କ ଭାର ବହନ କରିବ? ଏହା ବିକାଶର ନମୁନା, ନା କି ନିମ୍ନମାନର କାମକୁ ଲୁଚାଇବା ପାଇଁ ପିଚୁର ପ୍ରଲେପ-ଏହି ପ୍ରଶ୍ନ ଏବେ ସବୁଠି ଶୁଣିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ନିର୍ମାଣ ସମୟରେ ନିମ୍ନମାନର ସାମଗ୍ରୀ



ବ୍ୟବହାର, ଠିକାଦାରଙ୍କ ଖାମଖିଆଲି ଏବଂ ବିଭାଗୀୟ ତଦାରଖରେ ଅବହେଳାର ପରିଣାମ ଆଜି ସାମ୍ନାକୁ ଆସିଛି। ଉଦ୍ଘାଟନ ପୂର୍ବରୁ ଯଦି ଏପରି ଅବସ୍ଥା, ତେବେ ପୋଲ ଚାଲୁ ହେବା ପରେ ଲୋକଙ୍କ ସୁରକ୍ଷା କେତେ ନିଶ୍ଚିତ ରହିବ ବୋଲି ସାଧାରଣରେ ଆଶଙ୍କା ବଢ଼ିଛି। ଏହି ପୋଲ ଯାତ୍ରୀମାନଙ୍କ ସୁବିଧା ଓ କୋରାପୁଟ ଓ ରାୟଗଡ଼ା ଜିଲ୍ଲା ମଧ୍ୟରେ ଯାତାୟାତକୁ ସହଜ କରିବା ପାଇଁ ନିର୍ମାଣ ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହା ବିକାଶ ଅପେକ୍ଷା ଦୁର୍ନୀତି, ଅବହେଳା ଓ ନିମ୍ନମାନର କାର୍ଯ୍ୟର ଉଦାହରଣ ପାଲଟିଛି ବୋଲି ଲୋକମାନେ ମତ ପ୍ରକାଶ କରୁଛନ୍ତି। ଘଟଣା ପରେ ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏତେ ବଡ଼ ତ୍ରୁଟି ପାଇଁ ଦାୟୀ କିଏ? ନିର୍ମାଣ କାମର ଗୁଣବତ୍ତା ଯାଞ୍ଚ କରିଥିବା ଅଧିକାରୀଙ୍କ ବିରୋଧରେ କି ପଦକ୍ଷେପ ନିଆଯିବ? ନା ପୂର୍ବଭଳି ସବୁକିଛି ଫାଇଲ୍ ?ରେ ଚାପି ଦିଆଯିବ ସାଧାରଣ ଲୋକଙ୍କ ଦାବି, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନିର୍ମାଣରେ କୌଣସି ଅନିୟମିତତା ହୋଇଥିଲେ ଦୋଷୀ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ, ଯାହାଦ୍ୱାରା ସରକାରୀ ଅର୍ଥର ଅପବ୍ୟବହାର ଓ ଲୋକଙ୍କ ଜୀବନ ସହ ଖେଳ ଆଉଥରେ ଦୋହରାଯିବ ନାହିଁ।

## ରାଇଘର ଅନ୍ୱେଷା ଛାତ୍ରବାସ ସମ୍ମୁଖରେ କୁଢ଼କୁଢ଼ ଆବର୍ଜନା ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ପ୍ରତି ବଢୁଛି ଚିନ୍ତା

ରାଇଘର, (ମହାଭାରତ) : ରାଇଘର ବ୍ଲକର ଅନ୍ୱେଷା ଛାତ୍ରବାସ ସମ୍ମୁଖରେ ଦୀର୍ଘ ଦିନ ଧରି କୁଢ଼କୁଢ଼ ଆବର୍ଜନା ଜମା ହୋଇ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହୋଇଛି। ଆବର୍ଜନାରୁ ଦୁର୍ଗନ୍ଧ ବାହାରୁଥିବା ସହ ମାଛି, ମଶା ଓ ବୁଲା କୁକୁରଙ୍କ ଉପଦ୍ରବ ବଢ଼ି ଚାଲିଛି। ଏହା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସହ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଚିନ୍ତାର ବିଷୟ ପାଲଟିଛି।ଅନ୍ୱେଷା ଛାତ୍ରବାସରେ ଅନେକ ଛାତ୍ରଛାତ୍ରୀ ରହୁଥିବା ବେଳେ ଛାତ୍ରବାସର ପ୍ରବେଶ ପଥ ସମ୍ମୁଖରେ ଏପରି ଅବ୍ୟବସ୍ଥିତ ଭାବରେ ଆବର୍ଜନା ପକାଯିବା ଅତ୍ୟନ୍ତ ଦୁଃଖଦ ଘଟଣା। ବର୍ଷା ଦିନରେ ଏହି ଆବର୍ଜନା ପଚି ଦୁର୍ଗନ୍ଧ ସୃଷ୍ଟି କରୁଥିବାରୁ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ବଢୁଛି।ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଏହି ସମସ୍ୟା ଦିନକୁ ଦିନ ଗୁରୁତର ହେଉଛି। ଅନେକବୁ ଥିଯିବି ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହେଉଛି।ଏହି ପରିସ୍ଥିତିରେ ସ୍ଥାନୀୟ ଜନସାଧାରଣ ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଆବର୍ଜନା ସଫା କରିବା,ନିୟମିତ ବର୍ଜ୍ୟବସ୍ତୁ ସଂଗ୍ରହ ବ୍ୟବସ୍ଥା କରିବା ଏବଂ ସ୍ଥାନଟିକୁ ସ୍ୱଚ୍ଛ ରଖିବା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସଚେତନତା ବାର୍ତ୍ତା: ସ୍ୱଚ୍ଛ ପରିବେଶ ସୁସ୍ଥ ଜୀବନର ମୂଳ ଆଧାର। ଯେକୌଣସି ସ୍ଥାନରେ ଆବର୍ଜନା ନଫୋପାଡ଼ି ନିର୍ଦ୍ଦିଷ୍ଟ ଯାଗା କିମ୍ବା ଡଷ୍ଟବିନରେ ପକାନ୍ତୁ। ନିଜ ଘର,ଗାଁ ଓ ସହରକୁ ସ୍ୱଚ୍ଛ ରଖିବା ସମସ୍ତଙ୍କ ଦାୟିତ୍ୱ। ଆସନ୍ତୁ, ସ୍ୱଚ୍ଛତା ପ୍ରତି ସଚେତନ ହେବା ଏବଂ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା।

## ନବରଂଗପୁର ଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, (ମହାଭାରତ): ନବରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥାପନ କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ଖଣ୍ଡୀୟ ବନ ଅଧିକାରୀ ଉଦୟନ ସୁବୁଦ୍ଧି, ଅତିରିକ୍ତ ଜିଲ୍ଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପ୍ରାପ୍ତ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ସମ୍ଭବ ହୋଇଥିବା କ୍ଷେତ୍ରରେ ସ୍ଥଳରେ ହିଁ ପଦକ୍ଷେପ ନିଆଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଆଜିର ଶିବିରରେ ମୋଟ ୬୦ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଓ ୪ଟି ସାମୂହିକ ଅଭିଯୋଗ ଥିଲା। ପ୍ରାପ୍ତ ଅଭିଯୋଗ ମଧ୍ୟରୁ ୫ଟିର ସମାଧାନ ଘଟଣାସ୍ଥଳରେ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିବିରରେ ପ୍ରାପ୍ତ ଅଭିଯୋଗଗୁଡ଼ିକ ମୁଖ୍ୟତଃ ଚିକିତ୍ସା ସହାୟତା, ପାନୀୟ ଜଳ ଯୋଗାଣ, ରାସ୍ତା ମରାମତି, ଜମି ବିବାଦ, ନାଳ ମରାମତି, ଭତ୍ତା ପ୍ରଦାନ ଓ ବାସଗୃହ ସମ୍ବନ୍ଧୀୟ ଥିଲା ।

## କାନ୍ଥ ଭୁଶୁଡ଼ି ୨ ବର୍ଷର ଶିଶୁ କନ୍ୟାର ମୃତ୍ୟୁ, ଅସ୍ଥାୟୀ ପୋଲ ଧୋଇଯିବାରୁ ଠାକୁରମୁଣ୍ଡା–ଆନନ୍ଦପୁର ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ

କରଞ୍ଜିଆ, (ମହାଭାରତ) : ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରବିବାର ରାତିରେ ଅତ୍ୟଧିକ ବର୍ଷା ହେବା ଫଳରେ ଠାକୁରମୁଣ୍ଡା ଅଞ୍ଚଳରେ ୧୫୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷାରେ ବହୁ କଚ୍ଚା ଘରର କାନ୍ଥ ଭୁଶୁଡ଼ି ପଡ଼ିଥିବା ବେଳେ ଏକ ଦୁଃଖଦ ଘଟଣାରେ କାନ୍ଥ ତଳେ ଚାପି ହୋଇ ଜଣେ ୨ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ସେହିପରି ନିର୍ମାଣାଧୀନ ପୋଲ ପାଇଁ ତିଆରି ହୋଇଥିବା ଅସ୍ଥାୟୀ ଡାଇଭର୍ସନ୍ ରାସ୍ତା ବନ୍ୟା ଜଳରେ ଧୋଇଯିବାରୁ ଠାକୁରମୁଣ୍ଡା–ଆନନ୍ଦପୁର ରାଜ୍ୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ମହୁଲଡ଼ିହା ଗ୍ରାମପଞ୍ଚାୟତ ଅଧୀନ ମହୁଲଡ଼ିହା ଗ୍ରାମରେ ରବିବାର ରାତି ପ୍ରାୟ ୧୧ଟା ସମୟରେ ଏହି ଅଘଟଣ ଘଟିଥିଲା। ମୃତ ଶିଶୁ କନ୍ୟା ହେଲେ ଗୋବିନ୍ଦ ମୁଣ୍ଡାଙ୍କ ୨ ବର୍ଷର ଝିଅ ଚାନ୍ଦିନୀ ମୁଣ୍ଡା। ଗୋବିନ୍ଦ ମୁଣ୍ଡା ଜୀବିକା ନିର୍ବାହ ପାଇଁ ଭଦ୍ରକରେ କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ଶାନ୍ତି ସିଂ ଦୁଇ ଝିଅଙ୍କୁ ନେଇ ଗ୍ରାମରେ ଥିବା ଏକ ପୁରୁଣା ଓ ଜରାଜୀର୍ଣ୍ଣ ଇନ୍ଦିରା ଆବାସ ଘରରେ ବସବାସ କରୁଥିଲେ। ରବିବାର ସାରାଦିନ ଲଗାଣ ବର୍ଷା ଜାରି ରହିଥିବା ବେଳେ ରାତିରେ ମା’ ଓ ଦୁଇ ଝିଅ ଘର ଭିତରେ ଶୋଇଥିଲେ। ହଠାତ୍ ଘରର ଏକ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଚାନ୍ଦିନୀଙ୍କ ଉପରେ କାନ୍ଥ ଚାପି ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତାଙ୍କ ମା’ ଓ ଭଉଣୀ ଅଳ୍ପକେ ବର୍ତ୍ତି ଯାଇଥିଲେ।
ଘଟଣା ସମ୍ପର୍କରେ ଖବର ପାଇ ମହୁଲଡ଼ିହା ସରପଞ୍ଚ ମହୁଲଡ଼ିହା ଥାନାକୁ ସୂଚନା ଦେଇଥିଲେ। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ମୃତ ଶିଶୁକୁ କାନ୍ଥ ତଳୁ ଉଦ୍ଧାର କରାଯାଇଥିଲା। ପରେ ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ ଲଗାଣ ବର୍ଷା ଯୋଗୁଁ ଠାକୁରମୁଣ୍ଡାଠାରୁ ପ୍ରାୟ ଏକ କିଲୋମିଟର ଦୂର କଣ୍ଟାମଲ୍ଲି ନାଳ ଉପରେ ନିର୍ମାଣାଧୀନ



ପୋଲ ପାଇଁ ତିଆରି କରାଯାଇଥିବା ଅସ୍ଥାୟୀ ଡାଇଭର୍ସନ୍ ରାସ୍ତା ପ୍ରବଳ ସ୍ରୋତରେ ଧୋଇଯାଇଛି। ନାଳରେ ହଠାତ୍ ପାଣି ବଢ଼ିଯିବାରୁ ପ୍ରାୟ ୫୦ ଫୁଟ ରାସ୍ତା ସମ୍ପୂର୍ଣ୍ଣ ଭାସିଯାଇଛି। ଫଳରେ ଠାକୁରମୁଣ୍ଡା–ଆନନ୍ଦପୁର ରାଜ୍ୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ଯାତ୍ରୀବାହୀ ବସ ସମେତ ସମସ୍ତ ପ୍ରକାର ଯାନବାହନ ଚଳାଚଳ ଠପ୍ ହୋଇଯାଇଥିବାରୁ ହଜାର ହଜାର ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଠାକୁରମୁଣ୍ଡା–କରଞ୍ଜିଆ ରାସ୍ତାର ରୁଗୁଡ଼ିବେଡ଼ା ଗ୍ରାମ ନିକଟରେ ଥିବା ଏକ ବହୁ ପୁରାତନ ବିରାଟ ବରଗଛ ଲଗାଣ ବର୍ଷା ଓ ପବନ ପ୍ରଭାବରେ ରବିବାର ରାତିରେ ରାସ୍ତା ଉପରେ ଉପୁଡ଼ି ପଡ଼ିଥିଲା। ଏହା ଯୋଗୁଁ କିଛି ସମୟ ପାଇଁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତା ସଫା କରିବା ପରେ ପୁଣି ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଲଗାଣ ବର୍ଷାରେ ଠାକୁରମୁଣ୍ଡା ଅଞ୍ଚଳର ବିଭିନ୍ନ ସ୍ଥାନରେ କଚ୍ଚା ଘର କ୍ଷତିଗ୍ରସ୍ତ ହେବା ସହ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ଓ ବିଚ୍ଛିନ୍ନ ରାସ୍ତାର ଶୀଘ୍ର ମରାମତି କରି ଯାତାୟାତ ସ୍ୱାଭାବିକ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ଅଟୋ ଧକ୍କାରେ ବୃଦ୍ଧ ମୃତ

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ଖଡଭାଗ ପେଟ୍ରୋଲ ପମ୍ପ ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଯାତ୍ରୀବାହୀ ଅଟୋ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅଟୋ ଚାଳକଙ୍କ ସମେତ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଡଭାଗ ଗ୍ରାମର ୬୦ ବର୍ଷୀୟ ଆର୍. ତାରା ରେଡ୍ଡୀ। ପ୍ରକାଶ ଥାଉକି ତାରା ବିଲକୁ ଔଷଧ ପକାଇବାକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଗ୍ରସ୍ତ ଅଟୋରେ ଧନୁତର ଗ୍ରାମର ଜଣେ ଗର୍ଭବତୀ ମହିଳା ସମେତ ତିନି ଜଣ ଯାତ୍ରା କରୁଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ ଆହତଙ୍କୁ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣା ଯାଇଥିଲା। ଏଠାରେ କାର୍ଯ୍ୟରତ ଡାକ୍ତର ଆର୍. ତାରା ରେଡ୍ଡୀଙ୍କୁ ମୃତ ଘୋଷଣା କରିଥିବା ବେଳେ, ଅଟୋ ଚାଳକ ଓ ଦୁଇ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥାନରେ ଆସିକା ପୋଲିସ ପହଞ୍ଚି ଦୁର୍ଘଟଣାର କାରଣ ନେଇ ତଦନ୍ତ ଆରମ୍ଭ କରିଛି।

## କୁସୁମଗୁଡ଼ା ଉଚ୍ଚ ବିଦ୍ୟାଳୟରେ ଉତ୍ସାହର ସହ ପାଳିତ ହେଲା ୭୭ତମ ବନ ମହୋତ୍ସବ

ଲକ୍ଷ୍ମୀପୁର/କୁସୁମଗୁଡ଼ା, (ମହାଭାରତ): ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନର ବାର୍ତ୍ତାକୁ ନେଇ କୁସୁମଗୁଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ତମ ବନ ମହୋତ୍ସବ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ୍ ଓ ଏନର୍ଜି କ୍ଲବ୍ ?ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୃକ୍ଷରୋପଣ ସହ ପରିବେଶ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ୍ ଓ ଏନର୍ଜି କ୍ଲବ୍ ?ର ଦାୟିତ୍ୱପ୍ରାପ୍ତ ଶ୍ରୀ ସୁଜିତ୍ ଖୋସ୍ଲା ସୁଚାରୁ ଭାବେ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବନ ବିଭାଗର ଚଂପି ବେଲ୍ଟର ଫରେଷ୍ଟ ଗାର୍ଡ ଶ୍ରୀମତୀ ଭାନୁମୋତି ତୋରାପୁଟିଆ, କାଳିଆଝୋଲା ବେଲ୍ଟର ଫରେଷ୍ଟ ଗାର୍ଡ ଶ୍ରୀମତୀ ପୂର୍ଣ୍ଣଲତା ଜାନି ଏବଂ ଶ୍ରୀ ହେମନ୍ତ କୁମାର ନାୟକ ଉପସ୍ଥିତ ରହି ବନ ସଂରକ୍ଷଣ, ଜଳବାୟୁ ସନ୍ତୁଳନ ଓ ବୃକ୍ଷରୋପଣର ଅପରିହାର୍ଯ୍ୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି



ଅବସରରେ ବରିଷ୍ଠ ଶିକ୍ଷକ ଶ୍ରୀ ମନୋରଞ୍ଜନ ନନ୍ଦ, ଶ୍ରୀ ମୁକୁନ୍ଦ ବିଷୟୀ, ଶ୍ରୀ ଅକ୍ଷୟ କୁମାର ପଣ୍ଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ‘ଏକ ଛାତ୍ର–ଏକ ବୃକ୍ଷ‘ ଏବଂ ‘ସବୁଜ ପରିବେଶ, ସୁସ୍ଥ ଭବିଷ୍ୟତ‘ ସ୍ଲୋଗାନକୁ ସାମ୍ନାରେ ରଖି ସମସ୍ତେ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ତାହାର ନିୟମିତ ଯତ୍ନ ନେବାକୁ ଶପଥ ଗ୍ରହଣ କରିଥିଲେ। ଏହି ବନ ମହୋତ୍ସବ କେବଳ ବୃକ୍ଷରୋପଣରେ ସୀମିତ ନ ରହି ପରିବେଶ ସଚେତନତା ବୃଦ୍ଧି ଏବଂ ସବୁଜ ସମାଜ ଗଠନ ଦିଗରେ ଏକ ପ୍ରେରଣାଦାୟକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା।

## ବନମହୋତ୍ସବ ସପ୍ତାହରେ ୨୦୦ରୁ ଅଧିକ ଚାରା ରୋପଣ; ଜୁନିଅର ରେଡକ୍ରସର ଅଭିନବ ପଦକ୍ଷେପକୁ ପ୍ରଶଂସା

ମୋହନା, (ମହାଭାରତ): ବନମହୋତ୍ସବ ସପ୍ତାହ ଅବସରରେ ଭାରତୀୟ ରେଡକ୍ରସ, ଓଡ଼ିଶା ରାଜ୍ୟ ଶାଖା ଏବଂ ଗଜପତି ଜିଲ୍ଲା ଜୁନିଅର ରେଡକ୍ରସର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି। ଗଜପତି ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ତଥା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀ ସଞ୍ଜୀବ କୁମାର ଦାସଙ୍କ ନେତୃତ୍ୱରେ ବୁରୁପଦା, କମଳାପୁର, ଲବାରସିଂ, ଶଗଡ଼ା, ତେନ୍ତୁଳୀଖୁଣ୍ଟି, ଅନଙ୍ଗପୁର, ଲମ୍ପଦା, ରାଇପୁରରୁ ଆରମ୍ଭ କରି ପାଢ଼ୀଗାଁ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟରେ ପ୍ରାୟ ୨୦୦ରୁ ଅଧିକ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ପିଜୁଳି, ବେଲ, ସୀତାଫଳ, ଅର୍ଜୁନ, ପଳାଶ ଓ ବାହାଡ଼ା ଭଳି ପରିବେଶ ଉପଯୋଗୀ ବୃକ୍ଷର ଚାରା ରୋପଣ କରି ପରିବେଶ ସୁରକ୍ଷା ଏବଂ ସବୁଜିମା ବୃଦ୍ଧିର ବାର୍ତ୍ତା



ଦିଆଯାଇଥିଲା। ଶ୍ରୀ ଦାସ ଜଣେ ସମାଜସେବୀ ଓ ଆଦର୍ଶ ଶିକ୍ଷକ ଭାବେ ସୁପରିଚିତ। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ମହାମହିମ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରୁ ସମ୍ମାନିତ ହୋଇସାରିଛନ୍ତି। ଏହି ଅଭିନବ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ମାୟାଧର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍. ଗିରିଧାରୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ୱାଇ. କ୍ରିଷ୍ଣା ରାଓ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର, ରାଜ୍ୟ ଜୁନିଅର ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁଙ୍କ ସମେତ ବିଭିନ୍ନ ସାମାଜିକ, ଶିକ୍ଷା ଓ ସ୍ୱେଚ୍ଛାସେବୀ ସଂଗଠନ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଏଭଳି ନିରନ୍ତର ପ୍ରୟାସ ଗଜପତି ଜିଲ୍ଲା ପାଇଁ ଏକ ପ୍ରେରଣାଦାୟକ ପଦକ୍ଷେପ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଶ୍ରୀ ସଞ୍ଜୀବ କୁମାର ଦାସଙ୍କ ଏହି ସେବାମୂଳକ କାର୍ଯ୍ୟକୁ ନେଇ ଜିଲ୍ଲାବ୍ୟାପୀ ପ୍ରଶଂସାର ସୁଅ ଛୁଟିଛି।

## ମୋଟୁ ଜେଏମ୍ଏଫସି ନ୍ୟାୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ମୋଟୁ, (ମହାଭାରତ) : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ. ଭି -୭୯ ଠାରେ ତାଲୁକ ଆଇନ ସେବା କମିଟି, ମୋଟୁ ଆଟ୍ ଏମ୍.ଭି.-୭୯ର ଆୟୋଜନରେ ସୋମବାର ଜେଏମ୍ଏଫ୍‌ସି, ମୋଟୁ ନ୍ୟାୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶ ସୁରକ୍ଷା, ସବୁଜିମାର ବିକାଶ ଏବଂ ବୃକ୍ଷରୋପଣ ପ୍ରତି ସାମାଜିକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନ୍ୟାୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ମାନ୍ୟବର ଜେଏମ୍ଏଫ୍‌ସି ଶ୍ରୀ ଅନୁସମ ଦାଶ, ସରକାରୀ ଓକିଲ ଶ୍ରୀ ରାଜେଶ ପଟ୍ଟନାୟକ, ଆଇନଜୀବୀ ଶ୍ରୀ ବିପ୍ଳବ ଦତ୍ତ, ଶ୍ରୀ ଜୟଦେବ କୁମାର ରଙ୍ଗ, ଶ୍ରୀ ବାସୁଦେବଙ୍କ ସମେତ ନ୍ୟାୟାଳୟର କର୍ମଚାରୀ, ଆଇନଜୀବୀ ଓ ତାଲୁକ ଆଇନ ସେବା କମିଟିର ସଦସ୍ୟମାନେ ସକ୍ରିୟ ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବନ ବିଭାଗ ପକ୍ଷରୁ ରେଞ୍ଜର ତନୁଜା କାର୍ତ୍ତିକ, ଫରେଷ୍ଟର ମୋହନ ଗୁଡ଼ିଆ ଏବଂ ବନ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଚାରା ରୋପଣ ଓ ଏହାର ସଂରକ୍ଷଣ ସମ୍ପର୍କରେ ସହଯୋଗ କରିଥିଲେ।

## କୁରୁଣ୍ଟି ମୌଜାରେ ସରକାରୀ ଜମିର ସୁରକ୍ଷା ଗଢ଼ି ଉଠିବ ଆଦର୍ଶ ଫଳ ଉଦ୍ୟାନ

ବାରଙ୍ଗ, (ମହାଭାରତ): ଗ୍ରାମର ସରକାରୀ ଜମିକୁ ହାତେଇବା ପାଇଁ ଚେଷ୍ଟା କରୁଥିବା ଜମି ମାଫିଆଙ୍କ କବଳରୁ ସରକାରୀ ଜମିକୁ ସୁରକ୍ଷିତ ରଖି ଗ୍ରାମର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି କୁରୁଣ୍ଟି ମୌଜାରେ। କୁରୁଣ୍ଟି ମୌଜାର ୧୮୦୦ ରୁ ଉର୍ଦ୍ଧ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ କିଛି ଜମି ମାଫିଆ ,ଜମି ଦଲାଲ ଓ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଗ୍ରାମବାସୀଙ୍କ ଅଜାଣତରେ ପ୍ରାୟ ଏକର ଏକର ପରିମିତ ସରକାରୀ ଜମିକୁ ଜମି ମାଫିଆ ଏବଂ କିଛି ବାହାରୁ ଆସି ପଞ୍ଚାୟତର ଅନ୍ୟ ଜାଗାରେ ବସବାସ କରୁଥିବା ଅନୁପ୍ରବେଶକାରୀଙ୍କ ହାତକୁ ଟେକିଦେଇ ନିଜର ଭୋଟବ୍ୟାଙ୍କ ସୁଦୃଢ଼ କରିବାକୁ ଚକ୍ରାନ୍ତ ଚଳାଇଥିଲେ। ମାତ୍ର ଗ୍ରାମର ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନଙ୍କ ଦୂରଦୃଷ୍ଟି ଯୋଗୁଁ ଏହି ମନ୍ଦ ଉଦ୍ଦେଶ୍ୟକୁ ପଣ୍ଡ କରିବାକୁ ଅଣ୍ଟା ଭିଡ଼ିଛନ୍ତି । ଗ୍ରାମର ସମ୍ପତ୍ତିକୁ ଗ୍ରାମ ଓ ସମାଜର ମଙ୍ଗଳ ପାଇଁ ବ୍ୟବହାର କରିବାକୁ ଏକଜୁଟ ହୋଇଛନ୍ତି ଅଞ୍ଚଳବାସୀ।ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ’ଗ୍ରୀନ ମହାନଦୀ ମିଶନ’ ବୃକ୍ଷରୋପଣ ଅଭିଯାନ ଅନ୍ତର୍ଗତ କରୁଣ୍ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟ କରାଯାଉଛି । ଜୁଲାଇ ମାସ ପ୍ରଥମ ସପ୍ତାହ ବନ ମହୋତ୍ସବର ସପ୍ତାହରେ



ଏହି ମହତ୍ କାର୍ଯ୍ୟ ଶୋଭାପାଇବ ୫ ହଜାର ଫଳଗଛ ।ଏହି ସରକାରୀ ଜମିକୁ ସବୁଜିମାରେ ଭରିଦେବା ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ଆନୁକୂଲ୍ୟରେ ଚାଲୁଥିବା ’ବନ ମହୋତ୍ସବ’ ଅବସରରେ ଏକ ବୃହତ ଫଳ ଉଦ୍ୟାନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ଜମିରେ ପ୍ରାୟ ୫ ଏକର ରୁ ଉର୍ଦ୍ଧ ଜମିରେ ବିଭିନ୍ନ ପ୍ରଜାତିର ଯଥା ଆମ୍ବ, ପଣସ, ଜାମୁକୋଳି, ପିଜୁଳି , ଡାଳିମ୍ବ, ଅଁଳା ଭଳି ଫଳଦାୟୀ ବୃକ୍ଷ ରୋପଣ ଫଳଗଛ ଲଗାଇବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଫୁଲନଖରା ବନାଞ୍ଚଳ ରେଞ୍ଜ ଅଧିକାରିଣୀ ଶ୍ରୀମତୀ ମୌସୁମୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ସୁଚିନ୍ତିତ ମାର୍ଗଦର୍ଶନ ଓ ବିଭାଗର ନିୟୋଜିତ ଥିବା ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଏହି ପ୍ରକଳ୍ପ ଆଗକୁ ବଢୁଛି, ଯାହା ଆଗାମୀ ଦିନରେ ଏହା ଏକ ଫଳ ଉଦ୍ୟାନର ଏକ ସଫଳ ଓ ଆଦର୍ଶ ମଡେଲର ରୂପ ଦେବ ବୋଲି ଆଶା କରାଯାଉଛି। ପ୍ରକଳ୍ପର ବହୁବିଧ ସୁଫଳ ଗ୍ରାମବାସୀଙ୍କ ଏହି ସ୍ୱପ୍ନର ପ୍ରକଳ୍ପ ଦ୍ୱାରା ଅଞ୍ଚଳରେ ଏକ ବଡ଼ ସକାରାତ୍ମକ ପରିବର୍ତ୍ତନ ଆସିବାକୁ ଯାଉଛି । ଏହି ବିରାଟ ବଗିଚାର ରକ୍ଷଣାବେକ୍ଷଣ ଓ ପରିଚାଳନା ଦ୍ୱାରା ଗ୍ରାମର କିଛି ବେରୋଜଗାର ଯୁବକଙ୍କ ପାଇଁ କର୍ମସଂସ୍ଥାନ ସୃଷ୍ଟି ହେବ। ପ୍ରକଳ୍ପଟି ସଫଳ ହେଲେ ଗ୍ରାମ ତଥା ପଞ୍ଚାୟତର ଅର୍ଥନୀତି ମଜବୁତ ହେବା ସହ ଏହା ଏକ ପର୍ଯ୍ୟଟନ ସ୍ଥଳୀ ପରି ବିକଶିତ ହୋଇପାରିବ ।ବର୍ତ୍ତମାନ ଜଙ୍ଗଲ ହ୍ରାସ ଯୋଗୁଁ ମାଙ୍କଡ଼ମାନେ ଗାଁ ଭିତରକୁ ପଶି ଆସୁଛନ୍ତି ଏବଂ ଚାଷୀ ବିଲରେ କରିଥିବା ପନିପରିବା ସବୁ ନଷ୍ଟ ହେଉଥିବା ଦେଖାଯାଉଛି। ଏହି ଫଳ ବଗିଚା ଦ୍ୱାରା ମାଙ୍କଡ଼ମାନେ ଗାଁ ଭିତରକୁ ନ ଆସି ଏଠାରୁ ହିଁ ନିଜର ପ୍ରାକୃତିକ ଖାଦ୍ୟ ସଂଗ୍ରହ କରିପାରିବେ, ଯାହାଦ୍ୱାରା ଗାଁରେ ମାଙ୍କଡଙ୍କ ଆତଙ୍କ କମିବ। ସାଧାରଣ ଜନତା ଓ ପ୍ରଶାସନ ମିଳିତ ଭାବେ ଚାହିଁଲେ କିଭଳି ଭୂ-ମାଫିଆଙ୍କ କବଳ ରୁ ସରକାରୀ ଜମି ରୋକାଯାଇପାରିବ ଏବଂ ସରକାରୀ ସମ୍ପତ୍ତିକୁ ଜନହିତକର କାର୍ଯ୍ୟରେ ଲଗାଯାଇପାରିବ, କୁରୁଣ୍ଟି ମୌଜାର ଏହି ପ୍ରୟାସ କରୁଥିବା ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନ ଉଦାହରଣ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଗ୍ରାମର ଶିକ୍ଷାବିତ୍ ପ୍ରବୋଧ କୁମାର ମହାପାତ୍ର, ଗୋବିନ୍ଦ ପ୍ରସାଦ ଭୂୟାଁ, ଶିକ୍ଷାବିତ୍ ଅମୂଲ୍ୟ କୁମାର ଦାସ,ଶରତ ଚନ୍ଦ୍ର ଦାଶ,ବିଜୟରାମ ଦାଶ, ଦାମୋଦର ସାହୁ ,ସାମ୍ବାଦିକ ଗୁରୁ ମହାପାତ୍ର, ବିଘ୍ନରାଜ ମହାପାତ୍ର,୧୧ ନଂ ୱାର୍ଡ ସଭ୍ୟ ପରୀକ୍ଷିତ ଭୋଇ,ପ୍ରଭାତ ଭୋଇ,ସୁବାସ ଚନ୍ଦ୍ର ବେହେରା, ବୈରାଗୀ ଦାଶ, ପ୍ରତାପ ଚନ୍ଦ୍ର ଦାଶ, ପ୍ରଦୀପ କୁମାର ଦାଶ, ବିଭୂତି ଭୂଷଣ ଦାଶ, ରଘୁନାଥ ଭୋଇ, ଦେବେନ୍ଦ୍ର ଦାସ, ଶରତ ଭୋଇ ପ୍ରମୁଖଙ୍କ ସହଯୋଗ ଏହି କାର୍ଯ୍ୟରେ ସମଗ୍ର ଅଞ୍ଚଳ ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଅସ୍ଥାୟୀ ପୋଲ ଉପରେ ୩ ଫୁଟ ପାଣି: ଯାତାୟାତ ଠପ



କପ୍ତିପଦା (ମହାଭାରତ ): ଲଗାଣ ବର୍ଷା କାରଣ ରୁ ବୁଡ଼ିଲା ଅସ୍ଥାୟୀ ପୋଲଯ ଅସ୍ଥାୟୀ ପୋଲ ଉପରେ ୩ ଫୁଟ ର ବନ୍ୟା ଜଳ ପ୍ରବାହିତଯ ଉଦଳା କଇଁସାରି ଜାମୁଘାଟ ପୋଲ ଉପରେ ୩ ଫୁଟର ପାଣି ପ୍ରବାହିତ ।ଉଦଳା - ବାଲେଶ୍ୱର ସମେତ ୮ ଗୋଟି ପଞ୍ଚାୟତ କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶିମିଳିପାଳ ଉପର ମୁଣ୍ଡରେ ଲଗାଣ ବର୍ଷା ଦୁଇ ଦିନ ଧରି ଜାରି ରହିବା କାରଣରୁ ଦେଓ ନଦୀ ଫୁଲିଛି, ଯାହା ଫଳରେ କଇଁସାରି ଠାରେ ଥିବା ଜାମୁଘାଟ ପୋଲ ଉପରେ ନଦୀ ପାଣି ପ୍ରବାହିତ ହୋଇଛି। ୩ ଫୁଟର ପାଣି ପ୍ରବାହିତ ହୋଇଥିବା ବେଳେ ଯୋଗାଯୋଗ ଠପ ହୋଇ ପଡିଛ। ଅନ୍ୟପଟେ କିଛି ଲୋକ ବିପଦସଂକୁଳ ଅବସ୍ଥାରେ ମଧ ଅସ୍ଥାୟୀ ପୋଲ ଉପରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ସ୍ଥାୟୀ ପୋଲ ଆଜକୁ ୪ ବର୍ଷ ହେବ ନିର୍ମାଣ ହେଉଥିବା ବେଳେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା।

# ପାଞ୍ଚ କୋଟିର ରାସ୍ତା: ୧୫ ଦିନରେ ଭୁଶୁଡି ଗଲା

ଆଳି,(ମହାଭାରତ): ଆଳି ତଟବନ୍ଧ ବିଭାଗ ପକ୍ଷରୁ ପାଞ୍ଚ କୋଟି ଟଙ୍କା ବ୍ୟୟରେ ମଧୁବନ ଠାରୁ ହଦୁଆ ପର୍ଯ୍ୟନ୍ତ ଯାଇଥିବା ନଦୀବନ୍ଧ ରାସ୍ତା ନବୀକରଣ ହେବାର ୧୫ ଦିନ ମଧରେ ଭୁଶୁଡି ଯାଇଛି । ରାସ୍ତା ଫାଟି ଦୁଇଫାଳ ହୋଇ ଯାଇଥିବା ବେଳେ ଦୁଇ ପାର୍ଶ୍ୱ ଭୁଶୁଡି ନଦୀ ଅତଡାକୁ ଚାଲି ଯାଇଛି । ଏହି ରାସ୍ତା ଏବେ ଏମିତି ହୋଇଛି ଯେ ସାଧାରଣ ଲୋକ କଣ ଗୋରୁ ଗାଇ ଯିବା ମଧ ଅସମ୍ଭବ ହୋଇ ପଡିଛି । ଧୋୟାଞ୍ଚଳର ସୁରକ୍ଷା କବଚ ନଦୀବନ୍ଧ ରାସ୍ତା କାର୍ଯ୍ୟ ନିମନ୍ତେ ଆସିଥିବା ଅର୍ଥକୁ ବିଭାଗୀୟ ଅଧିକାରୀ ଓ ଠିକାଦାର ମିଳିମିଶି ଲୁଟିନେବା ପରେ ନିମ୍ନମାନର କାମ କରି ଚାଲିଗଲେ ।କିନ୍ତୁ କାମ ସରିବାର ୧୫ ଦିନ ପରେ ରାସ୍ତା ଅବସ୍ଥା ଆଉ ନାହିଁ ।ଗତ ଚାରୀଦିନର ଲଗାଣ ବର୍ଷା ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଧୋଇ ନେଇଛି । ରାସ୍ତା ଫାଟି ଫଡା ଫଡା ପିଚୁ ନଦୀ ଅତଡାକୁ ଚାଲି ଯାଇଥିବା ବେଳେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଫାଟି ଆଁ କରିଛି । ମଧୁବନ ରାଉଳ ସାହି ଠାରୁ ହଦୁଆ ଗ୍ରାମ ପ୍ରାୟ ତିନି କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ଭାବେ ଲଗାଣ ବର୍ଷାରେ ଧୋଇଯିବା ପରେ ତଟବନ୍ଧ ବିଭାଗ ପକ୍ଷରୁ ଆଳି ବ୍ଲକରେ କିଭଳି ଭାବେ କାର୍ଯ୍ୟ ହେଉଛି ତାହାର ଜ୍ୱଳନ୍ତ ଉଦାହରଣ । ଅପରପକ୍ଷେ ଏହି କାର୍ଯ୍ୟ ଆରମ୍ଭ ହେବା ସମୟରେ ନଦୀବନ୍ଧ କଡ଼ରୁ ମାଟି ନେଇ ବନ୍ଧ



ଉପରେ ପକା ଯାଉଥିବା ବେଳେ ନଦୀବନ୍ଧ ଦୁର୍ବଳ ହେବାର ଆଶଙ୍କା ଦେଖା ଦେବାରୁ ଅଞ୍ଚଳ ବାସୀ ଏହାକୁ ବିରୋଧ କରିଥିଲେ ମଧ ଠିକାଦାର ବନ୍ଧର ବିଭିନ୍ନ ସ୍ଥାନରୁ ମାଟି ତାଡ଼ି ନେଇ ବନ୍ଧ କାମ କରିଥିଲେ । ଏ ନେଇ ଅଞ୍ଚଳ ବାସୀ ବିଭାଗୀୟ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡାଙ୍କୁ ଅବଗତ କରିଥିଲେ । ଯନ୍ତ୍ରୀ ସେଠାକୁ ଆସି ତାଗିଦ କରି ପଳାଇବା ପରେ ଆଉ ଆସିନଥିଲେ। କୋଟିକୋଟି ଟଙ୍କାର କାମ ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଘଟଣା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧରେ ଥିବା ମଧୁଚନ୍ଦ୍ରିକା କୁ ପଦାରେ ପକାଇ ଦେଇଛି । କାର୍ଯ୍ୟ ଆରମ୍ଭରୁ ନିମ୍ନ ମାନର ହେଉଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ ମଧ ଠିକାଦାରଙ୍କ ଏଜେ□ ସାଜି କାମ ତଦାରଖ କରୁଥିବା ଅଞ୍ଚଳର ଜଣେ ଠିକାଦାର ସେମାନଙ୍କୁ ବାରମ୍ବାର ଧମକ ଦେଇ ଚୁପ ରଖି କାମ କରୁଥିଲେ । ଏପରିକି ରାତି ଅଧରେ ରାସ୍ତାରେ ପିଚୁ କାମକୁ ବିରୋଧ କରିଥିଲେ ମଧ କିଛି ସୁଫଳ ମିଳିନାହିଁ ।କୋଟି କୋଟି ଟଙ୍କାର କାମ ହେଉଥିବା ବେଳେ କୋଣସି ସ୍ଥାନରେ କାର୍ଯ୍ୟ ସମ୍ପର୍କରେ ସୂଚନା ଫଳକ ଟିଏ ମଧ ଲଗାଯାଇନାହିଁ । ବିନା ସୂଚନା ଫଳକରେ ନିମ୍ନ ମାନର କାମ ସାରି ଦେଇ ଠିକାଦାର ପଳାଇବା ପରେ ଏବେ ରାସ୍ତା ଭୁଶୁଡି ଯାଇଛି ।ଯାହାଫଳରେ ସାଧାରଣ ଲୋକ ହୀନସ୍ତା ହେଉଛନ୍ତି। ତୁରନ୍ତ ଏହି କାର୍ଯ୍ୟ କରୁଥିବା ଠିକାଦାର ଓ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଅଞ୍ଚଳ ବାସୀ ଦାବି କରିଛନ୍ତି ।

## ମେଘାସନ କଲେଜରେ ବନମହୋତ୍ସବ ସପ୍ତାହ ପାଳିତ

କପ୍ତିପଦା -(ମହାଭାରତ ): ମେଘାସନ କଲେଜର ଏନ୍.ଏସ୍.ଏସ୍.ୟୁନିଟ୍ ଆନୁକୂଲ୍ୟରେ କଲେଜ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। କଲେଜର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତଙ୍କ ଦ୍ୱାରା ଚାରାଗଛଗୁଡ଼ିକର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ସେ ବୃକ୍ଷରୋପଣ କରିବା ସହ ତା'ର ସୁରକ୍ଷା କରି ପ୍ରକୃତିକୁ ବଞ୍ଚାଇବା ପାଇଁ ସମସ୍ତଙ୍କୁ ପ୍ରେରିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଏନ୍.ଏସ୍.ଏସ୍. ପ୍ରୋଗ୍ରାମ ଅଫିସର ଶ୍ରୀ ସମୀର ଭୋଇ ଓ ଡକ୍ଟର କମଳିନୀ ପଣ୍ଡାଙ୍କ ସମେତ ଅଧାପିକା ସ୍ୱାତୀ ସୁଚରିତା ପଣ୍ଡା, ଲୋପାମୁଦ୍ରା ପ୍ରଧାନ ଏବଂ ଅଧାପକ ଲାବା ଟୁଡୁ, ଲଳିତ କୁମାର ନାୟକ, ଅରୁଣ କୁମାର ଜେନା ଓ ଲିଟୁ ଭାଇ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଝିପିଝିପି ବର୍ଷା ସତ୍ତ୍ୱେଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା କଲେଜ ପରିସରରେ ପ୍ରାୟ ୫୦ଟି ଚାରାଗଛ ରୋପଣ କରାଯାଇଥିଲା, ଯାହା ପରିବେଶ ସଂରକ୍ଷଣ ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତାକୁ ଦର୍ଶାଉଛି।

## ପ୍ରବଳ ବର୍ଷାରେ ନାରାଡିଗୋଛା ଗ୍ରାମରେ ପୋଲ ଭୁଶୁଡ଼ିଲା, ଯୋଗାଯୋଗ ବିଚ୍ଛିନ୍ନ



ଦଶପଲ୍ଲା,(ମହାଭାରତ): ଗତ କିଛି ଦିନ ହେବ ଅଞ୍ଚଳରେ ଲାଗି ରହିଥିବା ଅତ୍ୟଧିକ ବର୍ଷା ଯୋଗୁଁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ ଘୋଳାହାଣ୍ଡି ପଞ୍ଚାୟତର ନାରାଡିଗୋଛା ଗ୍ରାମରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛ। ଲଗାତାର ପ୍ରବଳ ବର୍ଷା ଯୋଗୁଁ ଗ୍ରାମକୁ ସଂଯୋଗ କରୁଥିବା ଏକ ପ୍ରମୁଖ ପୋଲ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି। ବର୍ଷା ଜଳର ପ୍ରଖର ସ୍ରୋତରେ ପୋଲଟି ସଂପୁର୍ଣ୍ଣ ଭୁଷୁଡି ପଡ଼ିଛି, ଯାହା ଦ୍ୱାରା ଯାତାୟାତ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି ।ଏହି ଅତ୍ୟଧିକ ବର୍ଷା ଓ ପୋଲ ଭାଙ୍ଗିବା ଯୋଗୁଁ ନାରାଦିଗୋଛା ଓ ଆଖପାଖ ଗ୍ରାମର ଶତାଧିକ ବାସିନ୍ଦା ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ଜରୁରୀକାଳୀନ ଚିକିତ୍ସା ସେବା, ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଯିବା, ଚାଷକାର୍ଯ୍ୟ ଏବଂ ଦୈନନ୍ଦିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା ପାଇଁ ଗ୍ରାମବାସୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହା ସହିତ ରାସ୍ତା କଡ଼ରେ ଥିବା ଜଳଯୋଗାଣ ପାଇପଲାଇନ୍ ମଧ ପ୍ରଭାବିତ ହୋଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।ବର୍ଷା ଦିନରେ ସ୍ଥିତି ଅଧିକ ସଂଗୀନ ହେବା ପୂର୍ବରୁ, ଯୁଦ୍ଧକାଳୀନ ଭିତ୍ତିରେ ଏହି ଭଙ୍ଗା ପୋଲର ମରାମତି କରି ଯୋଗାଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

## ଆଳିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଆଳି (ମହାଭାରତ): ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ଦ୍ୱାରରେ ପହଞ୍ଚାଇବା ଲକ୍ଷ୍ୟରେ ଆଜି ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ଅଧକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଦ୍ଧାର୍ଥ କାଟାରିଆଙ୍କ ଉପସ୍ଥିତିରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା ।ଶିବିରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଭିଯୋଗକାରୀମାନେ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପସ୍ଥାପନ କରିଥିଲେ। ମୋଟ ୬୯ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ଏବଂ ୨୩ଟି ସାମୂହିକ ଅଭିଯୋଗ ଥିଲା। ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବିଦ୍ୟୁତ ସେବା, ଜଳସେଚନ, ବ୍ୟାଙ୍କିଙ୍ଗ ସେବା, ରାସ୍ତାଘାଟ, ରାଜସ୍ୱ ଏବଂ ବିଭିନ୍ନ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କିତ ଅଭିଯୋଗ ପ୍ରମୁଖ ରହିଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୭ଟି ମାମଲାର ସ୍ଥଳରେ ତୁରନ୍ତ ସମାଧାନ କରାଯାଇଥିଲା। ସେହିପରି ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ମୋଟ ୧୫,୦୦୦ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ଓ ପ୍ରଭାବଶାଳୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ତୁରନ୍ତ ପ୍ରେରଣ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟର ଅଭିଯୋଗଗୁଡ଼ିକର ଗୁରୁତ୍ୱକୁ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଶ୍ରୀ ଅରୁଣ କୁମାର ନାୟକ, ଆଳି ବିଡିଓ ଶ୍ରୀ ଅଭିନାଶ ସେଠୀ, ତହସିଲଦାର ସୁମନ ଘୋଷ, ଡେପୁଟି କଲେକ୍ଟର ସରୋଜ କୁମାର ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।

## ବିଜେପିର ସାଙ୍ଗଠନିକ କର୍ମଶାଳା; ବୁଥ୍ ସଶକ୍ତିକରଣ ଓ ସଂଗଠନ ବିସ୍ତାର ଉପରେ ଗୁରୁତ୍ୱାରୋପ




ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏନ ଏ ସି ଅନ୍ତର୍ଗତ କ୍ରିଷ୍ଣା କଲ୍ୟାଣୀ ମଣ୍ଡପ ଠାରେ ଏକ ସାଙ୍ଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦଳର ସାଙ୍ଗଠନିକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା, ବୁଥ୍ ସ୍ତରରେ କାର୍ଯ୍ୟକଳାପକୁ ଗତିଶୀଳ କରିବା ଏବଂ ଆଗାମୀ ଦିନରେ ସଂଗଠନକୁ ଅଧିକ ସକ୍ରିୟ କରିବା ଲକ୍ଷ୍ୟରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ଦଶପଲ୍ଲା ବିଜେପି ନେତା ରାଘବ ମଲ୍ଲିକଙ୍କ ତ□ାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ମଣ୍ଡଳର ସମସ୍ତ ଇଖଇ-୨, ପଞ୍ଚାୟତ ପ୍ରମୁଖ ଓ ମଣ୍ଡଳ ସଭାପତିମାନେ ଉପସ୍ଥିତ ରହି ସଂଗଠନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୁଥ୍ ସ୍ତରରେ ସଂଗଠନକୁ ଅଧିକ ସଶକ୍ତ କରିବା, ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ପ୍ରତ୍ୟେକ କର୍ମୀଙ୍କୁ ଦଳର ନୀତି ଓ ଆଦର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ ।ଏହି ଅବସରରେ ରାଜ୍ୟ ସମ୍ପାଦକ ସ୍ମିତାରାଣୀ ପ୍ରଧାନ,ଜିଲ୍ଲା ପ୍ରଭାରୀ ସୁରଥ ବିଶ୍ୱାଳ, ଜିଲ୍ଲା ସମ୍ପାଦକ ରଞ୍ଜନ ପଣ୍ଡା ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ, ସଦସ୍ୟତା ବୃଦ୍ଧି, ବୁଥ୍ ପରିଚାଳନା ଓ ସାଙ୍ଗଠନିକ ଦାୟିତ୍ୱ ସମ୍ପର୍କରେ କର୍ମୀମାନଙ୍କୁ ବିସ୍ତୃତ ମାର୍ଗଦର୍ଶନ ଦେଇଥିଲେ ।କର୍ମଶାଳାରେ ଉପସ୍ଥିତ ବକ୍ତାମାନେ ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହ କର୍ମୀମାନଙ୍କ ମଧରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଦଳର ଆଗାମୀ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ କରାଯାଇଥିଲା।

## ଓଡିଆ ଲେଖକ ସମ୍ମିଳନୀ ଉଦ୍‌ଘାଟିତ ସମାଜର ହିତ ପାଇଁ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପାରାଦୀପ (ମହାଭାରତ) କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓ ପ୍ରିୟବଂଧୁ ସାହିତ୍ୟ ଏକାଡେମୀ କୁଜଙ୍ଗ ର ମିଳିତ ଆନୁକୁଲ୍ୟରେ ପାରାଦ୍ୱୀପ ଠାରେ ଆୟୋଜିତ ଓଡିଆ ଲେଖକ ସମ୍ମିଳନକୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କୃତ ଗାଳ୍ପିକା ପାରମିତା ଶତପଥୀ ଉଦଘାଟନ କରି ମାନବ ସମାଜର ଦୁଃଖ ଶୋକ ଓ ଅସହାୟତାର ଯନ୍ତ୍ରଣାକୁ ଲାଘବ କରି ସତ୍ୟ ସହିତ ଯୋଡିହୋଇ ଭୟଶୂନ୍ୟ ଭାବରେ ବଂଚିବା ପାଇଁ ସାହିତ୍ୟର ସ୍ୱର ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାହିତ୍ୟକୁ ବାଦ୍ ଦେଇ ସୁନ୍ଦର ସାମ୍ୟ ସମାଜର ପରିକଳ୍ପନା ଅସମ୍ଭବ। ମଣିଷର ସୁଖ ସମୃଦ୍ଧି କାମନା କରିବା ସହିତ ମୁକ୍ତ ଜୀବନ ଯାପନ ପାଇଁ ସାହିତ୍ୟ ମାର୍ଗ ଦର୍ଶନ କରିଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଓଡିଆ ଉପଦେଷ୍ଟା ପରିଷଦର ଆବାହକ ପ୍ରଖ୍ୟାତ ସୃଜନ ସାଧକ ଡକ୍ଟର ଗୌରହରି ଦାସ ଅଧ୍ୟକ୍ଷତା କରି ଜୀବନ ଓ ଜଗତର ରହସ୍ୟ ଭେଦ କରିବା ପାଇଁ ସାହିତ୍ୟ ହେଉଛି ଶକ୍ତିଶାଳୀ ମନୋରମ ଅସ୍ତ୍ର। ଏହି ସୃଜନ ଅସ୍ତ୍ର ନିର୍ମାଣ କରୁଥିବା ସମକାଳର ସାହିତ୍ୟିକ ମାନେ ସମ୍ବେଦନଶୀଳ ହେବା ଉଚିତ ବୋଲି କହିଥିଲେ ।ପ୍ରାରମ୍ଭରେ କବି ସାହିତ୍ୟ




ଏକାଡେମୀ ପୂର୍ବାଞ୍ଚଳ ସଚିବ ଡ.ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିବା ବଳେ ପ୍ରିୟବଂଧୁ ସାହିତ୍ୟ ଏକାଡେମୀ ସଭାପତି ଡ.ରଘୁନାଥ ସାହୁ ଲେଖକ ସମ୍ମିଳନୀ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦିକା ଡକ୍ଟର ରୋଜାଲିନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।ଦ୍ୱିତୀୟ ଅଧିବେଶନରେ ଗାଳ୍ପିକ ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଆଦିତେଶ୍ୱର ମିଶ୍ର, ଡ. ସନ୍ତୋଷ ସାମଲ,ବିଜୟ ମଲ୍ଲ ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ



ଗଜପତି(ମହାଭାରତ)ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଅଭିଯୋଗ ଶୁଣାଣୀ କରିଥିଲେଯ ଆଜିର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ-୧୩୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୧୧୦ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୨୨ ଗୋଟି ଅଭିଯୋଗ ଆସିଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।

ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋର ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

# କାଠପୋଲ ଭରସାରେ ବିଅରପାଙ୍ଗାବାସୀ

ଘୁ.ଉଦୟଗିରି : ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ କନ୍ଧମାଳଜିଲ୍ଲାଘୁ.ଉଦୟଗିରି ବ୍ଲକ ରାଇକଲା ପଞ୍ଚାୟତର ୧ ନମ୍ବର ୱାର୍ଡ ଅନ୍ତର୍ଗତ ବିଅରପାଙ୍ଗା ଗ୍ରାମର ଲୋକମାନେ ମୌଳିକ ଯାତାୟାତ ସୁବିଧାରୁ ବଞ୍ଚିତ ରହିଛନ୍ତି। ଗ୍ରାମକୁ ସଂଯୋଗ କରୁଥିବା ଏକମାତ୍ର ପୋଲ ଭାଙ୍ଗିବାକୁ ଦୀର୍ଘ ୯ ବର୍ଷ ବିତିଯାଇଥିଲେ ମଧ ଏହାର ମରାମତି କିମ୍ବା ପୁନଃନିର୍ମାଣ ହୋଇନଥିବାରୁ ଗ୍ରାମବାସୀ ଚରମ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି। ମୁଖ୍ୟ ରାସ୍ତାଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଅବସ୍ଥିତ ବିଅରପାଙ୍ଗା ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜଟି 'ତିତିଲି' ବାତ୍ୟା ସମୟରେ ଭାଙ୍ଗିଯାଇଥିଲା। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବ୍ରିଜଟି ଦୁଇ ଫାଳ ହୋଇ ପଡ଼ିରହିଛି। ଫଳରେ ଗ୍ରାମବାସୀ ଦୈନିକ ଜୀବନରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବା-ଆସିବା, ରୋଗୀଙ୍କୁ ମେଡିକାଲ ନେବା, ଦୈନନ୍ଦିନ ବଜାର କାମ ଓ ଜରୁରୀ ସେବା ପାଇବାରେ ଗ୍ରାମବାସୀ ଅନେକ ଅସୁବିଧା ଭୋଗୁଛନ୍ତି। ଆମ୍ବୁଲାନ୍ସ ସେବା ଏହି ଗ୍ରାମ ପାଇଁ ସ୍ୱପ୍ନ ସଦୃଶ ହୋଇପଡ଼ିଛି। ଗ୍ରାମରେ ପ୍ରାୟ ୪୦ଟି ଆଦିବାସୀ ପରିବାର ବସବାସ କରୁଥିବା ବେଳେ ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷକାମ କରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ଯାତାୟାତ ସୁବିଧା ନଥିବାରୁ ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଗତବର୍ଷ ଏହି ସମସ୍ୟା ସମ୍ବନ୍ଧୀୟ ଖବର ଖବରକାଗଜ ଓ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ 'ବିଜୁ କନ୍ଧମାଳ ଓ ଗଜପତି ଯୋଜନା' ଅଧୀନରେ ବ୍ରିଜ ମରାମତି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ଗୋଟିଏ ଇଞ୍ଚ କାମ ମଧ ଆରମ୍ଭ ହୋଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଗ୍ରାମବାସୀମାନେ ନିଜେ କାଠ ରଖି ଏକ ଅସ୍ଥାୟୀ ପୋଲ ତିଆରି କରିଛନ୍ତି। ସେହି କାଠ ପୋଲ ଉପରେ ଜୀବନକୁ ବାଜି



ଲଗାଇ ଲୋକମାନେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ବର୍ଷା ଦିନରେ ପରିସ୍ଥିତି ଆହୁରି ଭୟଙ୍କର ହୋଇଯାଉଥିବାରୁ ଗ୍ରାମବାସୀ ଭୟ ଓ ଅନିଶ୍ଚିତତା ମଧରେ ଦିନ କାଟୁଛନ୍ତି ।ଏହି ପ୍ରସଙ୍ଗରେ ସ୍ଥାନୀୟ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ କହିଛନ୍ତି ଯେ, ସେ ପ୍ରତ୍ୟେକ ବୈଠକରେ ଏହି ସମସ୍ୟାକୁ ଉଠାଇ ଆସୁଛନ୍ତି। ବୁଧବାର ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ମଧ ସେ ଏହି ବିଷୟ ଉଠାଇଥିବା କହିଛନ୍ତି। କିନ୍ତୁ ବ୍ରିଜ କେବେ ନିର୍ମାଣ ହେବ ତାହା ଅନିଶ୍ଚିତ ଥିବା ନେଇ ସେ ମତ ପ୍ରକାଶ କରିଛନ୍ତି। ଗତବର୍ଷ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଶୀଘ୍ର କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ ତାହା କେବଳ ମିଥ୍ୟା ଆଶ୍ୱାସନାରେ ସୀମିତ ରହିଯାଇଥିବା ବୋଲି ସାଧାରଣରେ ଆଲୋଚନା ହେଉଛି। ଆଗକୁବର୍ଷା ଋତୁ ଆସୁଥିବା ବେଳେ ଯାତାୟାତ ସମସ୍ୟା ଆହୁରି ଗୁରୁତର ହେବା ଆଶଙ୍କା କରାଯାଉଛି। ତେଣୁ ବର୍ଷା ପୂର୍ବରୁ ତୁରନ୍ତ ନୂତନ ବ୍ରିଜ ନିର୍ମାଣ କରି ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଭଟ୍ଟି ଆତଙ୍କୀ ମଡ୍ୟୁଲର ୬ ସନ୍ଦିଗ୍ଧଙ୍କୁ ଧରିଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ପାକିସ୍ତାନର ଆଇଏସ୍ଆଇର ଏଜେଣ୍ଟ ଶହଜାଦ୍ ଭଟ୍ଟି ନେଟୱାର୍କର ଦୁଇଟି ପୃଥକ୍ ପୃଥକ୍ ମଡ୍ୟୁଲର ପର୍ଦ୍ଦାଫାସ କରି ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ଗୋଟିଏ ଗୋଷ୍ଠୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିବାବେଳେ ଅନ୍ୟଟି ଅବୈଧ ଅସ୍ତ୍ରଶସ୍ତ୍ର ତସ୍କରୀ ମାମଲାରେ ସାମିଲ ଥିଲା। ଦିଲ୍ଲୀ ପୁଲିସ ଏକ ବଡ଼ ଅପରେସନ ପରେ ଏହି ସଫଳତା ପାଇଥିଲା ଓ ଦିଲ୍ଲୀ ଏବଂ ପଞ୍ଜାବରୁ ୬ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଏମାନେ ଦୁଇଟି ପୃଥକ୍ ନେଟୱାର୍କରେ କାମ କରୁଥିଲେ। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଅନେକ ପିସ୍ତଲ ଓ ପେଟ୍ରୋଲ ବୋମା ଜବତ କରିଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ନେଟୱାର୍କ ସଙ୍ଗଠିତ ଭାବେ କାମ କରୁଥିଲେ। ଅଭିଯୁକ୍ତମାନଙ୍କର ବିଭିନ୍ନ ରାଜ୍ୟରେ ନେଟୱାର୍କ ରହିଥିବା ଦିଲ୍ଲୀ ପୁଲିସ କହିଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସମର୍ଥିତ ଆତଙ୍କବାଦୀ ଓ ଅସ୍ତ୍ରଶସ୍ତ୍ର ନେଟୱାର୍କର ପର୍ଦ୍ଦାଫାସ କରି ୪ ଜଣଙ୍କୁ ଗିରଫ କରିଥିଲେ। ଏମାନଙ୍କ ମଧ୍ୟରୁ ୩ ଜଣଙ୍କୁ ପଞ୍ଜାବ ଓ ଜଣଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଥିଲା। ସନ୍ଦିଗ୍ଧମାନଙ୍କୁ ଆଇଏସ୍ଆଇ ପକ୍ଷରୁ ଦିଲ୍ଲୀରେ ବିଭିନ୍ନ ଧାର୍ମିକ ସ୍ଥଳ ଓ ପୁଲିସ ପ୍ରତିଷ୍ଠାନ ବୁଲି ତଥ୍ୟ ସଂଗ୍ରହ କରିବାକୁ ଦାୟିତ୍ୱ ଦିଆଯାଇଥିଲା।

## ଫ୍ରାନ୍ସ ସଂଗ୍ରହାଳୟରୁ ୪୦ କୋଟିର ଅଳଙ୍କାର ଲୁଟି ନେଲେ ଚୋର: ଉଚ୍ଚ ସୁରକ୍ଷା ବ୍ୟବସ୍ଥା କାମ ଦେଲାନି

ପ୍ୟାରିସ୍: ଫ୍ରାନ୍ସର ଲାଲିକ୍ ସଂଗ୍ରହାଳୟରେ ଚୋରମାନେ ଏକ ବଡ଼ ଧରଣର ଡକାୟତି କରିଛନ୍ତି। ଉଚ୍ଚ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ, ଚୋରମାନେ ସଂଗ୍ରହାଳୟରୁ ପ୍ରାୟ ୨୦ ଅଳଙ୍କାର ଚୋରି କରି ନେଇଛନ୍ତି। ଚୋରି ହୋଇଥିବା ଅଳଙ୍କାରର ମୂଲ୍ୟ ପ୍ରାୟ ୪୦ ଲକ୍ଷ ୟୁରୋ (ପ୍ରାୟ ୪୦ କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଉଛି। ରବିବାର ସ୍ଥାନୀୟ ସମୟ ପ୍ରାୟ ସକାଳ ସାଢ଼େ ୫ଟା ସମୟରେ ଉତ୍ତର-ପୂର୍ବ ଫ୍ରାନ୍ସର ୱିଙ୍ଗେନ-ସୁର-ମୋଡରରେ ଥିବା ପ୍ରସିଦ୍ଧ ଲାଲିକ୍ ସଂଗ୍ରହାଳୟରେ ମୁଖା ପିନ୍ଧା ଚୋରମାନେ ପ୍ରବେଶ କରି କବାଟ ଭାଙ୍ଗି ଅଳଙ୍କାର ରୁମକୁ ଯାଇଥିଲେ। ଚୋରମାନେ ପ୍ରାୟ ୨୦ଟି ସ୍ଫଟିକ ଅଳଙ୍କାର ନେଇ ଯାଇଛନ୍ତି। ଚୋରମାନଙ୍କୁ ଧରିବା ପାଇଁ ତଦନ୍ତ ଚାଲିଛି। ଚୋରି ପରେ ସଂଗ୍ରହାଳୟ କିଛି ଦିନ ପାଇଁ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ଆଲାର୍ମ ବାଜିବା ପରେ ସୁରକ୍ଷା କମ୍ପାନି ତଦନ୍ତ କରିଥିଲା। ଜଣେ ମହିଳା ସଫେଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। କିନ୍ତୁ ଆଲାର୍ମ ସତ୍ତ୍ୱେ ପୁଲିସ ପହଞ୍ଚିବା ପୂର୍ବରୁ ଚୋରମାନେ ଖସିଯିବାରେ ସଫଳ ହୋଇଥିଲେ। ୨୦୧୧ ମସିହାରେ ଖୋଲିଥିବା ଲାଲିକ୍ ସଂଗ୍ରହାଳୟଟି ପ୍ରସିଦ୍ଧ ଫରାସୀ ଅଳଙ୍କାର ଏବଂ କାଚ ଶିଳ୍ପୀ ରେନେ ଲାଲିକ୍ ଏବଂ ତାଙ୍କ ଉତ୍ତରାଧିକାରୀଙ୍କ କାର୍ଯ୍ୟ ପାଇଁ ଉତ୍ସର୍ଗୀକୃତ। ସଂଗ୍ରହାଳୟରେ ଆର୍ଟ ନୁଭାଉ, ଆର୍ଟ ଡେକୋ ଏବଂ ଆଧୁନିକ ସ୍ଫଟିକ କଳାର ୬୫୦ ରୁ ଅଧିକ କଳାକୃତି ପ୍ରଦର୍ଶିତ ହୋଇଛି।

## ମୋବାଇଲ୍ ରିଚାର୍ଜ ୧୫% ମହଙ୍ଗା ହେବ

ନୂଆଦିଲ୍ଲୀ: ଆସନ୍ତା ତିନିରୁ ଚାରି ମାସ ମଧ୍ୟରେ ମୋବାଇଲ୍ ରିଚାର୍ଜ ମୂଲ୍ୟ ବଢ଼ିବାକୁ ଯାଉଛି। ଟେଲିକମ୍ କମ୍ପାନିଗୁଡ଼ିକ ରିଚାର୍ଜ ଦାମ୍ ୧୨-୧୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବା ଉପରେ ବିଚାର କରୁଥିବା ସମ୍ପର୍କରେ ସେଣ୍ଟ୍ରମ୍ ଇନଷ୍ଟିଚ୍ୟୁସନାଲ୍ ରିସର୍ଚ୍ଚ ଏକ ରିପୋର୍ଟରେ ଜଣାଇଛି। ବଜାରରେ ମିଶ୍ରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଏବେ ମାତ୍ର ୩ରୁ ୪ଟି ଟେଲିକମ୍ କମ୍ପାନି ରହିଯାଇଛି। ତେଣୁ ରିଚାର୍ଜ ଦାମ୍ ବଢ଼ାଇବା ପାଇଁ ତାହା ଅନୁକୂଳ ପରିବେଶ ସୃଷ୍ଟି କରିଛି। ଆସନ୍ତା ତ୍ରୈମାସିକରେ ଟେଲିକମ୍ କମ୍ପାନିଗୁଡ଼ିକର ଗ୍ରାହକ ପିଛା ହାରାହାରି ରାଜସ୍ୱ




(ଆର୍ପୁ)ରେ ତିନିଟି ଟେଲିକମ୍ କମ୍ପାନି ୧-୧.୫ ପ୍ରତିଶତ ବୃଦ୍ଧି ଆଶା କରୁଛନ୍ତି। ୨ଜି ସେବା ବ୍ୟବହାର କରୁଥିବା ବହୁ ଗ୍ରାହକ ୪ଜି ଓ ୫ଜି ସେବା ଆଡ଼କୁ ମୁହାଁଇବେ। ତାହାର ପ୍ରଭାବରେ କମ୍ପାନିଗୁଡ଼ିକର ଆୟ ବଢ଼ିବ। ରିପୋର୍ଟ ଅନୁସାରେ ଭୋଡାଫୋନ୍ ଆଇଡିଆ ତୁଳନାରେ ଭାରତୀ ଏୟାରଟେଲ୍ ଓ ରିଲାଏନ୍ସ ଜିଓ ଅଧିକ ଲାଭ ପାଇବେ। ଏହି ତିନି ମାସରେ ରିଲାଏନ୍ସ ଜିଓ ୭୦ ଲକ୍ଷ ଓ ଏୟାରଟେଲ୍ ୫୦ ଲକ୍ଷରୁ ଅଧିକ ଗ୍ରାହକ ଯୋଡ଼ିବେ। ସେହି ସମୟରେ ଭୋଡାଫୋନ୍ ଆଇଡିଆ ୨ ଲକ୍ଷ ଗ୍ରାହକ ହରାଇବ। ଦେଶର ୯୦ ପ୍ରତିଶତରୁ ଅଧିକ ଜିଲ୍ଲାରେ ଜିଓ ଓ ଏୟାରଟେଲ୍ର ୪ଜି/୫ଜି ନେଟୱାର୍କ ରହିଛି। ଉଭୟ କମ୍ପାନି ନିଜର ୫ଜି ନେଟୱାର୍କକୁ ଆହୁରି ସୁଦୃଢ଼ କରୁଛନ୍ତି। ତାହାର ପ୍ରଭାବରେ ଡାଟା ବ୍ୟବହାର ମଧ୍ୟ ଦୃଢ଼ ରହିବା ଆଶା କରାଯାଉଛି ବୋଲି ଏହି ବ୍ରୋକରେଜ୍ ସଂସ୍ଥା ପୂର୍ବାନୁମାନ କରିଛି। ଭୋଡାଫୋନ୍ ଆଇଡିଆ ମଧ୍ୟ ନିଜର ୫ଜି ନେଟୱାର୍କକୁ ୧୦୦ରୁ ଅଧିକ ସହରରେ ପହଞ୍ଚାଇଛି ଓ ତାହାକୁ ଆହୁରି ଦ୍ରୁତ ଗତିରେ ବଢ଼ିବାକୁ ଯାଉଛି।

## ଭାରତକୁ ଆସୁଛି ୧୫ ସାର ବୋଝେଇ ଜାହାଜ

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଏବଂ ବୈଶ୍ୱିକ ସପ୍ଲାଇ ଚେନ୍ ଉପରେ ଏହାର ପ୍ରଭାବ ମଧ୍ୟରେ ଭାରତ ପାଇଁ ଏକ ଆଶ୍ୱସ୍ତିକର ଖବର ଆସିଛି । ରସାୟନ ଓ ସାର ମନ୍ତ୍ରଣାଳୟ ସୂଚନା ଦେଇଛି ଯେ, ସାର ପ୍ରସ୍ତୁତି ପାଇଁ ଆବଶ୍ୟକ କଞ୍ଚାମାଲ ବୋଝେଇ ୧୫ଟି ଜାହାଜ ସୁରକ୍ଷିତ ଭାବେ ହର୍ମୁଜ୍ ଜଳସନ୍ଧି ପାର କରିସାରିଛି । କୃଷକଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ଦେଶରେ ସାରର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ନେଇଥିବା ମନ୍ତ୍ରଣାଳୟ କହିଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ୧୫ଟି ଜାହାଜ ମଧ୍ୟରୁ ୮ଟି ଜାହାଜରେ ୩.୩୨ ଲକ୍ଷ ମେଟ୍ରିକ୍ ଟନ୍ (ଖଗଞ୍ଜ) ୟୁରିଆ, ୪ଟି ଜାହାଜରେ ୨.୫୭ ଲକ୍ଷ ମେଟ୍ରିକ୍ ଟନ୍ ଡାଇଅମୋନିୟମ୍ ଫସଫେଟ୍ (ଡିଏପି) ଏବଂ ୩ଟି ଜାହାଜରେ ୧.୧୧ ଲକ୍ଷ ମେଟ୍ରିକ୍ ଟନ୍ ସଲଫର ରହିଛି । ଏହି ସମସ୍ତ ଜାହାଜ ଭାରତ ଅଭିମୁଖେ ଆସୁଛି । ଏହାସହ ଆଉ ୫ଟି ଜାହାଜ ଭାରତ ପାଇଁ ଖୁବଶୀଘ୍ର ଯାତ୍ରା ଆରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି ଯେ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ବୈଶ୍ୱିକ ସପ୍ଲାଇ ଚେନ୍କୁ ଗୁରୁତର ଭାବେ ପ୍ରଭାବିତ କରିଛି । ଫଳରେ ସାରର ଦର ବୃଦ୍ଧି ପାଇବା ସହ ଜାହାଜ ମାଧ୍ୟମରେ ସାମଗ୍ରୀ ପରିବହନରେ ମଧ୍ୟ ଅଧିକ ସମୟ ଲାଗୁଛି ।

# ଲଣ୍ଡନ ରାଜରାସ୍ତାରେ ପିଓକେର ସ୍ୱାଧୀନତା ଦାବି ନେଇ ସ୍ଲୋଗାନ

# ପାକିସ୍ତାନ ବିରୋଧରେ ପ୍ରବାସୀ କାଶ୍ମୀରୀଙ୍କ ଆକ୍ରୋଶ

ଲଣ୍ଡନ: ବ୍ରିଟେନର ରାଜଧାନୀ ଲଣ୍ଡନର ରାଜରାସ୍ତା ସୋମବାର ଦିନ ପାକିସ୍ତାନ ବିରୋଧୀ ସ୍ଲୋଗାନରେ ପ୍ରକମ୍ପିତ ହୋଇ ଉଠିଛି। ଯୁକ୍ତରାଜ୍ୟରେ ରହୁଥିବା ହଜାର ହଜାର କାଶ୍ମୀରୀ 'ଲଣ୍ଡନ କାଶ୍ମୀର ମିଲିୟନ୍ ମାର୍ଚ୍ଚ' ମାଧ୍ୟମରେ ପାକିସ୍ତାନ ଅଧିକୃତ ଜମ୍ମୁ ଏବଂ କାଶ୍ମୀର (ପିଓଜେକେ)ରେ କରାଯାଉଥିବା ମାନବାଧିକାର ଉଲ୍ଲଂଘନ ଏବଂ ଦମନମୂଳକ ନୀତି ବିରୋଧରେ ସେମାନଙ୍କର କଡ଼ା ପ୍ରତିବାଦ ଜଣାଇଛନ୍ତି। ଏହି ବିଶାଳ ଶୋଭାଯାତ୍ରା ପାର୍ଲାମେଣ୍ଟ ସ୍କୋୟାରରୁ ଆରମ୍ଭ ହୋଇ ଲଣ୍ଡନରେ ଥିବା ପାକିସ୍ତାନୀ ହାଇକମିସନରେ ଶେଷ ହୋଇଥିଲା । ପ୍ରଦର୍ଶନକାରୀମାନେ ସ୍ୱାଧୀନତା ପାଇଁ ସ୍ଲୋଗାନ ଦେବା ସହ ପିଓଜେକେରେ ରାଜନୈତିକ କର୍ମୀଙ୍କ ଗିରଫଦାରୀ ଏବଂ ସ୍ଥାନୀୟ ଜନତାଙ୍କ ଉପରେ ସାମରିକ ବାହିନୀର ଅତ୍ୟାଚାରକୁ




ନେଇ ପାକିସ୍ତାନୀ ସରକାରଙ୍କୁ ଅନ୍ତର୍ଜାତୀୟସ୍ତରରେ ନିନ୍ଦା କରିଛନ୍ତି।

ଜମ୍ମୁ ଏବଂ କାଶ୍ମୀର ନ୍ୟାସନାଲ ଇଣ୍ଡିପେଣ୍ଡେନ୍ସ ଆଲାଏନ୍ସ (ଜେକେଏନଆଇଏ)ର ଅଧ୍ୟକ୍ଷ ମହମୁଦ କାଶ୍ମୀରୀ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ ଏବଂ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ପାକିସ୍ତାନୀ ହାଇକମିସନ ବାହାରେ ସମବେତ ହଜାର ହଜାର ଲୋକଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଆଜି ସାରା ବିଶ୍ୱରେ କାଶ୍ମୀରୀମାନେ ପାକିସ୍ତାନୀ ସେନା ବିରୋଧରେ ଏକଜୁଟ ହୋଇଛନ୍ତି । ଆମେ ଆମର ଅଧିକାର ହାସଲ ନ କରିବା ପର୍ଯ୍ୟନ୍ତ ଅତ୍ୟାଚାର ଏବଂ ଅନ୍ୟାୟ ବିରୋଧରେ ଆମର ସଂଘର୍ଷ ଜାରି ରଖିବୁ। ଆମେ କୌଣସି ପରିସ୍ଥିତିରେ ପାକିସ୍ତାନ ସରକାରଙ୍କ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ।

ବିକ୍ଷୋଭକାରୀମାନେ ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେଏଏସି)ର ମୁଖ୍ୟ ଶୌକତ ନୱାଜ ମୀର୍ ଏବଂ ଅନ୍ୟ କାଶ୍ମୀର ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଥିଲେ। ଉଲ୍ଲେଖନୀୟ, କିଛି ଦିନ ଧରି, ଇସଲାମାବାଦ ଉପରେ ପିଓଜେକେରେ ସରକାର ବିରୋଧୀ ପ୍ରତିବାଦକୁ ଦମନ କରିବା ପାଇଁ କ୍ରମଶଃ ଅମାନବୀୟ ଏବଂ କଠୋର ପଦକ୍ଷେପ ଗ୍ରହଣ କରୁଥିବାର ଅଭିଯୋଗ ଆସିଛି ।ପ୍ରତିବାଦ ସମୟରେ ଲୋକମାନେ ଏହି ଗିରଫଦାରୀଗୁଡ଼ିକୁ କାଶ୍ମୀରୀଙ୍କ ଗଣତାନ୍ତ୍ରିକ ସ୍ୱରକୁ ଦମନ କରିବାର ପ୍ରୟାସ ବୋଲି ନିନ୍ଦା କରିଥିଲେ। ଲଣ୍ଡନରେ 'ମିଲିୟନ ମାର୍ଚ୍ଚ' ସ୍ପଷ୍ଟ କରିଛି ଯେ, ପିଓଜେକେ ପ୍ରସଙ୍ଗ ଏବେ କେବଳ ଆଞ୍ଚଳିକ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରୁଛି।

## କିଭ୍ ଉପରେ ରୁଷର ଆକ୍ରମଣ, ୮ ମୃତ

ନୂଆଦିଲ୍ଲୀ : ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ବୁଝାମଣା ହେବା ପରେ ସ୍ଥିତି କିଛିଟା ଶାନ୍ତିପୂର୍ଣ୍ଣ ରହିଛି । କିନ୍ତୁ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାରି ବର୍ଷରୁ ଅଧିକ ସମୟ ଧରି ଜାରି ରହିଛି । ଉଭୟ ଦେଶ ପରସ୍ପର ଉପରେ ଲଗାତାର ଆକ୍ରମଣ କରୁଛନ୍ତି । ଜୁଲାଇ ୭ ରେ ହେବାକୁ ଥିବା ନାଟୋ ସମ୍ମିଳନୀର ଠିକ୍ ଗୋଟିଏ ଦିନ ପୂର୍ବରୁ, ରୁଷ ମଧ୍ୟରାତ୍ରିରେ ରାଜଧାନୀ କିଭ୍ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଛି । ଆକ୍ରମଣରେ ୮ ଜଣ ଲୋକଙ୍କ ମୃତ୍ୟୁ ଲୋକଙ୍କ ଘଟିବା ସହିତ ୩୪ ଜଣ ଆହତ ହୋଛନ୍ତି । ଖବର ମୁତାବକ, ସୋମବାର ମଧ୍ୟରାତିରେ ରୁଷ ରାଜଧାନୀ କିଭକୁ ଟାର୍ଗେଟ କରି ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରିଥିଲା । ଆକ୍ରମଣ ପରେ, କିଭ୍ ମେୟର ଭିଟାଲି କ୍ଲିଟ୍ସକୋ କହିଛନ୍ତି ଯେ, ରାତି ଅଧରେ ବୋମା ମାଡ଼େର କ୍ଷତିଗ୍ରସ୍ତ କୋଠାଗୁଡ଼ିକରୁ ଉଦ୍ଧାରକାରୀ ଟିମ୍ ଲୋକମାନଙ୍କୁ ସ୍ଥାନାନ୍ତର କରୁଛନ୍ତି । କିଭରେ ସାତ ଜଣଙ୍କର ମୃତ୍ୟୁ ହୋଇଛି। ରାଜଧାନୀର ଉତ୍ତର-ପଶ୍ଚିମରେ ଥିବା ବୁଚା ଜିଲ୍ଲାରେ ମଧ୍ୟ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ।

# ପ୍ରଶାନ୍ତ ମହାସାଗରରେ ବୁଡ଼ାଜାହାଜରୁ ସଫଳତାର ସହ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଚୀନ୍

ବେଜିଂ: ପ୍ରଶାନ୍ତ ମହାସାଗରରେ ଏକ ପରମାଣୁ ବୁଡ଼ାଜାହାଜରୁ ସଫଳତାର ସହ ଚୀନ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଏହାର କିଛି ଘଣ୍ଟା ପରେ ଚୀନ୍ ସୂଚନା ପ୍ରଦାନ କରିଛି। ଡମି ୱାରହେଡ୍ ବହନ କରିଥିବା କ୍ଷେପଣାସ୍ତ୍ର ସଫଳତାର ସହିତ ଲକ୍ଷ୍ୟଭେଦ କରିଥିବା ଚୀନ୍ ପିପୁଲ୍ସ ଲିବରେସନ୍ ଆର୍ମି(ପିଏଲଏ)ର ନୌସେନାର ଏକ ବିବୃତି ଆଧାରରେ ସରକାରୀ ଗଣମାଧ୍ୟମ ଜିନହୁଆ ନ୍ୟୁଜ୍ ରିପୋର୍ଟ କରିଛି। ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ଚୀନ୍ ପକ୍ଷରୁ ଆୟୋଜିତ ଏକ ନିୟମିତ ବାର୍ଷିକ ସାମରିକ ତାଲିମ ଅଭ୍ୟାସ କାର୍ଯ୍ୟକ୍ରମ ଅନ୍ତର୍ଗତ ହୋଇଛି। ଏହି ପରୀକ୍ଷଣ ଅନ୍ତର୍ଜାତୀୟ ଆଇନ ଏବଂ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଅଭ୍ୟାସ ଅନ୍ତର୍ଗତ କରାଯାଇଛି। ଏଥିରେ କୌଣସି ନିର୍ଦ୍ଦିଷ୍ଟ ଦେଶ କିମ୍ବା ଲକ୍ଷ୍ୟସ୍ଥଳକୁ ଟାର୍ଗେଟ୍ କରାଯାଇ ନାହିଁ ବୋଲି ଜିନହୁଆର ରିପୋର୍ଟରେ କୁହାଯାଇଛି। ସ୍ଥାନୀୟ ସମୟ ମଧ୍ୟାହ୍ନ ପ୍ରାୟ ୧୨.୦୧ ସମୟରେ (୦୪୦୧ଜିଏମଟି)



କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା। ସେପ୍ଟେମ୍ବର ୨୦୨୪ ରେ ପ୍ରଶାନ୍ତ ମହାସାଗରରେ ଏକ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇସିବିଏମ) ପରୀକ୍ଷା କରିବା ପରେ ଏହା ହେଉଛି ଚୀନ୍ର ଦ୍ୱିତୀୟ ରଣନୈତିକ କ୍ଷେପଣାସ୍ତ୍ର ପରୀକ୍ଷଣ। ବେଜିଂ ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଏବଂ ଜାପାନର ଗଣମାଧ୍ୟମ ରିପୋର୍ଟକୁ ନିଶ୍ଚିତ କରି କହିଛନ୍ତି ଯେ, ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ପରମାଣୁ କ୍ଷମତାସମ୍ପନ୍ନ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷା ହେବା ପୂର୍ବରୁ ସମ୍ପୃକ୍ତ ଦେଶର ସରକାରଙ୍କୁ ଚୀନ୍ ସୂଚିତ କରିଥିଲା। ଅଷ୍ଟ୍ରେଲିୟ ବ୍ରଡକାଷ୍ଟିଂ କର୍ପୋରେସନ ଅନୁଯାୟୀ, ସାମୁଦ୍ରିକ ଗୁଇନ୍ଦା କମ୍ପାନି ଷ୍ଟାରବୋର୍ଡ ଦ୍ୱାରା ପ୍ରକାଶିତ ଚିତ୍ର ଦର୍ଶାଉଛି ଯେ,ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚୀନ୍ର ଦୁଇଟି ସାଟେଲାଇଟ୍ ଜାହାଜକୁ ଟ୍ରାକିଂ କରାଯାଇଛି। ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରକ୍ଷେପଣ ଉପରେ ନଜର ରଖିବା ପାଇଁ ଜାହାଜ ଦୁଇଟି ସେଠାରେ ରହିଛନ୍ତି ।କ୍ୟୋଡୋ ନ୍ୟୁଜ୍ ଅନୁଯାୟୀ, ଜାପାନକୁ ମଧ୍ୟ ଏନେଇ ପୂର୍ବରୁ ସୂଚିତ କରାଯାଇଥିଲା। କ୍ୟୋଡୋ ନ୍ୟୁଜ୍ ଅନୁଯାୟୀ, ଜାପାନକୁ ମଧ୍ୟ ଏନେଇ ପୂର୍ବରୁ ସୂଚିତ କରାଯାଇଥିଲା।

## ବର୍ଷାରେ ବେହାଲ୍ ଦିଲ୍ଲୀ, ୧୫ ବିମାନ ଡାଇଭର୍ଟ, ଦ୍ୱାରକା ଏକ୍ସପ୍ରେସ ୱେ ପ୍ରଭାବିତ

ନୂଆଦିଲ୍ଲୀ : ଦିଲ୍ଲୀରେ ମୌସୁମୀ ବର୍ଷା ହେବା ଯୋଗୁଁ ଗରମରୁ ଆଶ୍ୱସ୍ତି ମିଳିଛି । ମୁମ୍ବାଇ ପରେ ଦିଲ୍ଲୀରେ ପ୍ରବଳ ବର୍ଷା ଲାଗି ରହିଛି । ବିଭିନ୍ନ ସ୍ଥାନରେ ପାଣି ଭରିବା ଯୋଗୁଁ ଅନେକ ସ୍ଥାନରେ ଜାମ୍ ସ୍ଥିତି ରହିଛି । ବର୍ଷା ଯୋଗୁଁ ଦ୍ୱାରକା ଏକ୍ସପ୍ରେସ ୱେ ଅଣ୍ଡରପାସରେ ପାଣି ଭରିବା ଯୋଗୁଁ ଜାମ୍ ଲାଗିଛି । ଫଳରେ ଦ୍ୱାରକା ଏକ୍ସପ୍ରେସ ୱେ ଉପରେ ପ୍ରଭାବ ପଡିଛି । ଦିଲ୍ଲୀରେ ବର୍ଷା ଯୋଗୁଁ ପବନ ମଧ୍ୟ ବୋହୁଛି । ଏଥିପାଇଁ ୧୫ ଉଡ଼ାଣ ରୁଟକୁ ଡାଇଭର୍ଟ କରାଯାଇଛି । ଏଥିରେ ୫ଟି ଅନ୍ତର୍ରାଷ୍ଟ୍ରୀୟ ଉଡ଼ାଣ ଏବଂ ୧୦ଟି ଘରୋଇ ଉଡ଼ାଣ ସାମିଲ ରହିଛି । ଖରାପ ପାଣିପାଗ ଯୋଗୁଁ ଏସବୁ ଉଡ଼ାଣକୁ ଜୟପୁର ଏବଂ ଲକ୍ଷ୍ନୌକୁ ଡାଇଭର୍ଟ କରାଯାଇଛି । ପାଣିପାଗ ସମାନ୍ୟ ହେବା ପରେ ପୁଣିଥରେ ଉଡ଼ାଣକୁ ନିଜ ଗନ୍ତବ୍ୟ ସ୍ଥଳକୁ ହେବ । ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁଁ ମିଣ୍ଟୋ ବ୍ରିଜ, ଓଖଲା ଉଦ୍ୟୋଗିକ କ୍ଷେତ୍ର, ତୁଗଲକାବାଦ, ପୁଲ ପ୍ରହ୍ଲାଦପୁର ଏବଂ ବାୟୋ



ଡାଇଭରସିଟି ପାର୍କରେ ପାଣି ଭରିଛି । ଭାରତୀୟ ପାଣିପାଗ ବିଭାଗ (ଓଗଡ)ର ସୂଚନା ଅନୁଯାୟୀ, ଆଜି ଦିଲ୍ଲୀ-ଘଉଜ ସମେତ ଅନେକ ରାଜ୍ୟରେ ପାଗ ମିଜାଜ କିଛି ଏହିପରି ରହିବ । ଦିଲ୍ଲୀରେ ଆଜି ଆକାଶ ମେଘୁଆ ରହିବ । ଦ୍ୱିପହର ପୂର୍ବରୁ ହାଲୁକା ବର୍ଷା ସହ ଘଡ଼ଘଡ଼ି ଓ ବିଜୁଳି ମାରିବାର ଆଶଙ୍କା ରହିଛି । ଏହି ସମୟରେ ଘଣ୍ଟାକୁ ୩୦-୪୦ କିମି ବେଗରେ ପବନ ବହିପାରେ । ସୋମବାର ଦିନ ମଧ୍ୟ ଦିଲ୍ଲୀର ଅନେକ ଅଞ୍ଚଳରେ ହାଲୁକା ବର୍ଷାର ସମ୍ଭାବନା ରହିଛି । ଜୁଲାଇ ୨ରେ ଦିଲ୍ଲୀରେ ମୌସୁମୀ ପ୍ରବେଶ କରିଥିଲା । ୪-୫ ଦିନ ବିଳମ୍ବରେ ପହଞ୍ଚିଥିଲା ମୌସୁମୀ । ତେବେ ଦିଲ୍ଲୀ, ହରିୟାଣା, ଚଣ୍ଡୀଗଡ ଏବଂ ପଞ୍ଜାବରେ ୬-୮ ଜୁଲାଇ ଯାଏଁ ଅଧିକରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ସେପଟେ ମୁମ୍ବାଇରେ ପ୍ରବଳ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

# ମହାରାଷ୍ଟ୍ରରେ ବର୍ଷା ବିପ୍ରାତ: ଦୁଇ ଦିନରେ ୧୩ ମୃତ

ମୁମ୍ବାଇ: ମହାରାଷ୍ଟ୍ରରେ ଗତ ତିନି ଦିନ ହେଲା ବର୍ଷା ଲାଗି ରହିଥିବାବେଳେ ରାସ୍ତାଘାଟ ପାଣିରେ ବୁଡ଼ି ରହିଛି। ବିଭିନ୍ନ ନଦୀର ପୋଲ ଉପରେ ପାଣି ପ୍ରବାହିତ ହେଉଛି। ରେଳ ଓ ବିମାନ ସେବା ପ୍ରଭାବିତ ହୋଇଛି। ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଯୋଗୁ ନଦୀଗୁଡ଼ିକରେ ପ୍ରବଳ ପାଣି ପ୍ରବାହିତ ହେଉଥିବାବେଳେ ସୋମବାର ଥାଣେର ଭିୱାଣ୍ଡିରେ କାମଭରୀ ନଦୀରେ ଜଣେ ୧୦ ବର୍ଷର ବାଳକ ଭାସି ଯାଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଏହାପୂର୍ବରୁ ରବିବାର ଜଣେ ୧୭ ବର୍ଷର ବାଳକ ଏହି ନଦୀରେ ଭାସି ଯାଇଥିଲା।



ସୋମବାର ବୁଡ଼ି ଯାଇଥିବା ୧୦ ବର୍ଷର ବାଳକଟି ନଦୀ ନିକଟରେ ଘରର ଅଳିଆ ପକାଇବାକୁ ଯାଇଥିବା ବେଳେ ନଦୀର ପ୍ରଚଣ୍ଡ ସ୍ରୋତରେ ସେ ଭାସି ଯାଇଥିଲେ। ଅନ୍ୟପକ୍ଷରେ ରବିବାର ଭାସି ଯାଇଥିବା ନାବାଳକ ସାଙ୍ଗମାନଙ୍କ ସହିତ କଙ୍କଡ଼ା ଧରିବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିଲା। କଂଗ୍ରେସ ବିଧାୟକ ପାର୍ଟି ନେତା ବିଜୟ ୱାଡେଟ୍ଟିବାର ସୋମବାର ମହାରାଷ୍ଟ୍ର ବିଧାନସଭାରେ ବର୍ଷାଜନିତ ମୃତ୍ୟୁ ପ୍ରସଙ୍ଗ ଉଠାଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ୱାଡେଟ୍ଟିବାର କହିଥିଲେ, ମୁମ୍ବାଇରେ ଗତ ଦୁଇ ଦିନରେ ବର୍ଷାଜନିତ କାରଣରୁ ଅତିକମ୍ରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ମାନଖୁର୍ଦ୍ଦରେ ଖୋଲା ମ୍ୟାନହୋଲରେ ପଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ୱାଡେଟ୍ଟିବାର ବର୍ଷା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି ଉପରେ ପ୍ରଶ୍ନ ଉଠାଇଥିଲେ।

ମୁମ୍ବାଇ-ପୁଣେ ରେଳ ମାର୍ଗରେ କରଜାତ-ଲୋନାୱାଲା ଭୋର ଘାଟ ସେକ୍ସନରେ ଦୁଇଟି ସ୍ଥାନରେ ଭୂସ୍ଖଳନ ଘଟିଛି, ଯାହା ଫଳରେ ତିନୋଟି ରେଳ ଲାଇନ ପ୍ରଭାବିତ ହୋଇଛି। କୋଡ଼ିଏଟି ଟ୍ରେନ ବାତିଲ କରାଯାଇଛି। ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ ମଧ୍ୟ ଭୂସ୍ଖଳନ ଯୋଗୁଁ ବିଭିନ୍ନ ସ୍ଥାନରେ ବନ୍ଦ ହୋଇଛି। ସତାରା ଜିଲ୍ଲାର ମହାବଳେଶ୍ୱରରେ ବେଣା ନଦୀରେ ଏକ ପୋଲ ଭୁଶୁଡ଼ି ପଡ଼ିବାରୁ ୧୦-୧୨ ଜଣ ପର୍ଯ୍ୟଟକ ଫସି ରହିଥିଲେ। ଏକ କ୍ରେନ୍ ସାହାଯ୍ୟରେ କାରଗୁଡ଼ିକୁ ବାହାର କରାଯାଇଥିଲା। ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ସମସ୍ତ ସରକାରୀ ସ୍କୁଲ ଓ ଘରୋଇ ସ୍କୁଲ, କଲେଜ ଛୁଟି କରାଯାଇଛି। ମୁମ୍ବାଇ ବିମାନବନ୍ଦରରେ ୧୭ ବିମାନ ବାତିଲ ହୋଇଛି। ମୁମ୍ବାଇରେ ଘରୋଇ କ୍ଷେତ୍ରର କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ରେ କାମ କରିବା କୁହାଯାଇଛି।

ସୋମବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ ମହାରାଷ୍ଟ୍ରର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ପ୍ରବଳ ପବନ ହେବାର ଚେତାବନୀ ଦେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ମୁମ୍ବାଇ ହାଇ ଆଲର୍ଟରେ ରହିଛି। ମୁମ୍ବାଇରେ ୧୬ଟି ଟ୍ରେନ୍ ବାତିଲ କରାଯାଇଥିବାବେଳେ ୯ଟିର ମାର୍ଗ ପରିବର୍ତ୍ତନ କରାଯାଇଛି। ଆଇଏମ୍ଡି ମୁମ୍ବାଇ ପାଇଁ ଅରେଞ୍ଜ ଆଲର୍ଟ ଓ ପୁଣେ ପାଇଁ ରେଡ ଆଲର୍ଟ ଜାରି କରିଛି। ପୁଣେରେ ଭୂସ୍ଖଳନ ଘଟି ଗୋଟିଏ ଘର ପୋତି ହୋଇପଡ଼ିଛି। ପୁଣେ ଜିଲ୍ଲାର ପାଟନ ଗାଁରେ ଘଟିଥିବା ଭୂସ୍ଖଳନ ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟ ଦୁଇଜଣ ନିଖୋଜ ଅଛନ୍ତି। ଲଗାଣ ବର୍ଷା ଯୋଗୁ ମୁମ୍ବାଇ ଓ ପୁଣେ ମଧ୍ୟରେ ସଡ଼କ ଓ ରେଳ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। କେନ୍ଦ୍ରୀୟ ରେଳବାଇ ଅଧିକାରୀଙ୍କ ଅନୁଯାୟୀ, ଭୋର ପ୍ରାୟ ୩ଟା ୫ ମିନିଟ ସମୟରେ କରଜାତ-ଲୋନାୱାଲା ଭୋର ଘାଟ ସେକ୍ସନର ଠାକୁରୱାଡି ନିକଟରେ ଭୂସ୍ଖଳନ ହୋଇଥିଲା। ଏହା ପରେ ଖଣ୍ଡାଲା ଓ ମଙ୍କି ହିଲ୍ ମଧ୍ୟରେ ଆଉ ଏକ ଭୂସ୍ଖଳନ ହୋଇଥିଲା। କେନ୍ଦ୍ରୀୟ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ସ୍ୱପ୍ନିଲ ନୀଲା କହିଛନ୍ତି ଯେ, ଭୋର ଘାଟ ଷ୍ଟ୍ରେଚ୍ର ତିନୋଟି ରେଳ ଟ୍ରାକ୍ - ମୁମ୍ବାଇ ଆଡକୁ ଅପ୍ ଲାଇନ୍, ପୁଣେ ଆଡକୁ ଡାଉନ୍ ଲାଇନ୍ ଓ ମିଡିଲ୍ ଲାଇନ୍ - ଲଗାତାର ବର୍ଷା ଯୋଗୁଁ ହୋଇଥିବା ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଛି।

### ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ ପାଇଁ ଦଳ ଘୋଷଣା

# ସାମସନ ଆଉଟ୍, ଫେରିଲେ ରିଙ୍କୁ ସିଂହ

ମୁମ୍ବାଇ,୬।୭: ଜୁଲାଇ ୨୩ରୁ ଆରମ୍ଭ ହେବାକୁ ଥିବା ଜିମ୍ବାୱେ ବିପକ୍ଷ ୩ ଟିକିଆ ଟି-୨୦ ସିରିଜରୁ ବାଦ ପଡିଛନ୍ତି ଭେଟରାନ ବ୍ୟାଟର ସଞ୍ଜୁ ସାମସନ। ଆଜି ବିସିସିଆଇ ଚୟନ କମିଟି ଆଗାମୀ ସିରିଜ ପାଇଁ ୧୫ ଜଣିଆ ସ୍କ୍ୱାଡ ଘୋଷଣା କରାଯାଇଛି।

ଏହି ସ୍କ୍ୱାଡରେ ସାମସନ ନାହାନ୍ତି। ସାମସନଙ୍କୁ ବିଶ୍ରାମ ଦିଆଯାଇଛି ନା ତାଙ୍କୁ ଡ୍ରପ କରାଯାଇଛି, ସେନେଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କିଛି ବି କହି ନାହାନ୍ତି। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ର ଚୂଡାନ୍ତ ଏକାଦଶରୁ ସଞ୍ଜୁ ସାମସନ ବାଦ ପଡିଥିଲେ। ତାଙ୍କ ବଦଳରେ ବୈଭବ ସୂର୍ଯ୍ୟବଂଶୀ ଡେବ୍ୟୁ କରିଥିଲେ।

ସୂର୍ଯ୍ୟବଂଶୀ ଜିମ୍ବାୱେ ବିପକ୍ଷ ସିରିଜରେ ନିଜ ସ୍ଥାନ ସୁରକ୍ଷିତ କରିଛନ୍ତି। କିନ୍ତୁ ସଞ୍ଜୁ ସାମସନଙ୍କ ନାଁ ନାହିଁ। ସଞ୍ଜୁ ୨୦୨୫ ଟି-୨୦ ବିଶ୍ୱକପରେ ପ୍ଲେୟାର ଅଫ ଦି ସିରିଜ ହୋଇଥିଲେ। କିନ୍ତୁ ଆୟରଲ୍ୟାଣ୍ଡ ଓ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସେ ଫେଲ ମାରିଥିଲେ।

ଏବେ ସଞ୍ଜୁଙ୍କ ବଦଳରେ ମଧ୍ୟକ୍ରମ ବ୍ୟାଟର ରିଙ୍କୁ ସିଂହଙ୍କୁ ପୁଣି ଭାରତୀୟ ଟିମରେ ସାମିଲ କରାଯାଇଛି।



ଆଇପିଏଲରେ କମାଲ କରିଥିବା ଆରସିବି ଅଧିନାୟକ ରଜତ ପାଟିଦାରଙ୍କୁ ବିସିସିଆଇ ପକ୍ଷରୁ ଅଣଦେଖା କରାଯାଇଛି। ଜିମ୍ବାୱେ ବିପକ୍ଷ ସିରିଜରେ ଅନେକ ନୂଆ ମୁହଁକୁ ସୁଯୋଗ ମିଳିଛି। ହର୍ଷ ଦୁବେ, ଯାଶ ଠାକୁର, ଅଶୋକ ଶର୍ମା, ମୟଙ୍କ ଯାଦବ ଓ ପ୍ରବସିମରନ ସିଂହଙ୍କ ଭଳି ଖେଳାଳି ୧୫ ଜଣିଆ ସ୍କ୍ୱାଡରେ ରହିଛନ୍ତି। ଭାରତ ଶ୍ରେୟସ ଆୟରଙ୍କ କ୍ୟାପ୍‌ଟେନ୍ସିରେ ଜିମ୍ବାୱେ ସିରିଜ ଖେଳିବ। ତିଳକ ବର୍ମା ଉପ ଅଧିନାୟକ ପଦ ବଜାୟୀ ରଖିଛନ୍ତି।

ଇଂଲଣ୍ଡ ବିପକ୍ଷ ସିରିଜ ଖେଳୁଥିବା ରବି ବିଷ୍ଣୋଇ, ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କ ଭଳି ଖେଳାଳି ଜିମ୍ବାୱେ ବିପକ୍ଷ ସିରିଜରେ ନଜର ଆସିବେ ନାହିଁ। ଈଶାନ କିଶନ ୱିକେଟ କିପର ଭାବେ ସ୍ଥାନ ପାଇଥିବା ବେଳେ ଦଳର ଅଭିଷେକ ଶର୍ମା, ଶିବମ ଦୁବେ ରହିଛନ୍ତି।

ଦ୍ୱିତୀୟ ୱିକେଟ କିପର ଭାବେ ପ୍ରଭସିମରନ ସିଂହଙ୍କୁ ସୁଯୋଗ ମିଳିଛି। ସୂର୍ଯ୍ୟାଂଶ ଶେଡଗେ ନିଜ ସ୍ଥାନ ବଜାୟୀ ରଖିଛନ୍ତି। ବରୁଣ ଚକ୍ରବର୍ତ୍ତୀ ସ୍କ୍ୱାଡରେ ଥିବା ବେଳେ ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ନାହାନ୍ତି।

ଜିମ୍ବାୱେ ଗସ୍ତରେ ଯାଇ ଭାରତ ଜୁଲାଇ ୨୩ରେ ପ୍ରଥମ, ୨୫ରେ ଦ୍ୱିତୀୟ ଓ ଜୁଲାଇ ୨୬ରେ ତୃତୀୟ ଟି-୨୦ ଖେଳିବ।

# ଆଜି ତୃତୀୟ ଟି୨୦

ନୂଆଦିଲ୍ଲୀ,୬।୭: ଭାରତର ଟି୨୦ ଦଳର ନୂତନ ଅଧିନାୟକ ଶ୍ରେୟସ ଆୟର ଏବେ ବି ତାଙ୍କର ପ୍ରଥମ ବିଜୟ ଖୋଜୁଛନ୍ତି। ସେ ଆୟରଲ୍ୟାଣ୍ଡ ଭଳି ଦଳ ବିପକ୍ଷରେ ଖାତା ଖୋଲିପାରି ନଥିଲେ ଏବଂ ଇଂଲଣ୍ଡ ବିପକ୍ଷରେ ବିଜୟ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କଠାରୁ ଦୂରେଇ ରହିଛି। ଇଂଲଣ୍ଡ ବିପକ୍ଷରେ ତୃତୀୟ ମ୍ୟାଚ ନଟିଂହାମର ଟ୍ରେଣ୍ଟ ବ୍ରିଜ ଷ୍ଟାଡିୟମରେ ଖେଳାଯିବାକୁ ସ୍ଥିର ହୋଇଛି, ଏବଂ ଆୟର ଏହି ମ୍ୟାଚ ପାଇଁ ପ୍ଲେଇଂ ଏକାଦଶରେ କିଛି ପରିବର୍ତ୍ତନ କରିପାରନ୍ତି।

ଇଂଲଣ୍ଡ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ଚାରି ୱିକେଟରେ ବିଜୟ ହାସଲ କରି ସିରିଜରେ ୧-୦ର ଅଗ୍ରଣୀ ହାସଲ କରିଛି। ପ୍ରଥମ ମ୍ୟାଚ ବର୍ଷା ଯୋଗୁ ଧୋଇ ହୋଇଯାଇଥିଲା, ଭାରତ ବ୍ୟାଟିଂ କରିଥିବା ଏକମାତ୍ର ଦଳ ଥିଲା। ଏବେ, ଟିମ ଇଣ୍ଡିଆ ତୃତୀୟ ମ୍ୟାଚ ଜିତି ସିରିଜ ସମାନ କରିବାକୁ ଲକ୍ଷ୍ୟ ରଖିଛି।

ଏହି ମ୍ୟାଚ ପୂର୍ବରୁ, ପ୍ରଶ୍ନ ଉଠୁଛି ଯେ ଟିମ ଇଣ୍ଡିଆ ବୈଭବ ସୂର୍ଯ୍ୟବଂଶୀଙ୍କୁ ଆଉ ଏକ ସୁଯୋଗ ଦେବ କି ତାଙ୍କୁ ଛାଡ଼ିବ। ବୈଭବ ମାଞ୍ଚେଷ୍ଟରରେ ଡେବ୍ୟୁ କରିଥିଲେ ଏବଂ ୧୪ ରନ କରିଥିଲେ; ତାଙ୍କୁ ସଞ୍ଜୁ ସାମସନଙ୍କ ସ୍ଥାନରେ ଦଳରେ ଅଣାଯାଇଥିଲା, ଯିଏକି ବିଫଳତା ଯୋଗୁ ନଜରରେ ଥିଲେ। ତାଙ୍କର ସଂକ୍ଷିପ୍ତ ଇନିଂସରେ, ବୈଭବ ଏକ ନିର୍ଭୀକ ମନୋଭାବ ପ୍ରଦର୍ଶନ କରି ପ୍ରମାଣ କଲେ ଯେ ତାଙ୍କର ଏକ ଲମ୍ବା କ୍ୟାରିୟର ପାଇଁ ସମ୍ଭାବନା ଅଛି। ଏହାକୁ ଦୃଷ୍ଟିରେ ରଖି, ତାଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନା କମ; ଏହା ବ୍ୟତୀତ, କେବଳ ଗୋଟିଏ ମ୍ୟାଚ ପରେ କାହାକୁ ଛାଡ଼ିବା କଠୋର ହେବ।

ବ୍ୟାଟିଂ ଲାଇନଅପରେ ପରିବର୍ତ୍ତନ ପାଇଁ ବହୁତ କମ ସୁଯୋଗ ଦେଖାଯାଉଛି। ଏକ ସମ୍ଭାବନା ହେଉଛି ଇଶାନ କିଶାନଙ୍କୁ ଛାଡ଼ି ସଞ୍ଜୁଙ୍କୁ ତୃତୀୟ ସ୍ଥାନରେ ଖେଳାଇବା। ଇଶାନ ମଧ୍ୟ ଫର୍ମ ପାଇଁ ସଂଘର୍ଷ କରୁଛନ୍ତି; ଯଦିଓ ସେ ଗତ ମ୍ୟାଚରେ ୪୯ ରନ କରିଥିଲେ, ତାଙ୍କର ବ୍ୟାଟିଂ ବହୁତ ଧୀର ଥିଲା।

**ଭାରତର ସମ୍ଭାବ୍ୟ ପ୍ଲେଇଂ ଏକାଦଶ**

ଶ୍ରେୟସ ଆୟର (କ୍ୟାପଟେନ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ସଞ୍ଜୁ ସାମସନ, ତିଲକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ହର୍ଷିତ ରାଣା, ପ୍ରିନ୍ସ ଯାଦବ, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ।

# ବିଶ୍ୱକପରୁ ବ୍ରାଜିଲ୍‌ର ଅଭିଯାନ ଶେଷ

ରାଉଣ୍ଡ ୧୬ରେ ଏକ ମ୍ୟାଚରେ ନରୱେଠାରୁ ୨-୧ ଗୋଲ୍‌ରେ ପରାଜୟ ସହ ବ୍ରାଜିଲର ଫିଫା ବିଶ୍ୱକପ୍-୨୦୨୬ ଅଭିଯାନ ଶେଷ ହେବା ପରେ ନେମାର ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ମ୍ୟାଚ୍ ଶେଷ ହେବାର କିଛି ସମୟ ପରେ ଏହି ୩୪ ବର୍ଷୀୟ ଖେଳାଳି ନିଜର ୧୬ ବର୍ଷର ଏକ ଚମତ୍କାର ଅନ୍ତର୍ଜାତୀୟ କ୍ୟାରିୟରର ପରିସମାପ୍ତି ଘଟାଇ କହିଥିଲେ ଯେ 'ସେଲେସାଓ' (ବ୍ରାଜିଲ୍ ଦଳ) ସହିତ ତାଙ୍କର ଯାତ୍ରା ଏବେ ଶେଷ ହୋଇଛି।

ପରାଜୟ ପରେ ଭାବବିହ୍ୱଳ ହୋଇ ନେମାର କହିଥିଲେ ଯେ ସେ ନିଜର ଶେଷ ବିଶ୍ୱକପ୍‌କୁ ଫେରିବା ପାଇଁ ସର୍ବସ୍ୱ

## ନେମାରଙ୍କ ଅବସର ଘୋଷଣା



ଦେଇଦେଇଥିଲେ, କିନ୍ତୁ ଏବେ ତାଙ୍କର ଅନ୍ତର୍ଜାତୀୟ କାହାଣୀ ଶେଷ ହୋଇଯାଇଛି। ସେ କହିଥିଲେ, 'ମୁଁ ବହୁତ ଚେଷ୍ଟା କଲି, କିନ୍ତୁ ଏବେ ଏହା ଶେଷ ହୋଇଯାଇଛି।'

ଆହତ ଅବସ୍ଥାରେ ବିଶ୍ୱକପ୍‌କୁ ଆସିଥିବାରୁ ସେ ବ୍ରାଜିଲର ପ୍ରାରମ୍ଭିକ ମ୍ୟାଚ୍‌ଗୁଡ଼ିକ ଖେଳିପାରିନଥିଲେ। କିନ୍ତୁ ପରେ ଧୀରେ ଧୀରେ କାର୍ଲୋ ଆନସେଲୋଟିଙ୍କ ଯୋଜନାରେ ନିଜ ସ୍ଥାନ ତିଆରି କରିଥିଲେ। ଫିଟ୍‌ନେସ୍ ଫେରି ପାଇବା ପରେ ମଧ୍ୟ ଏହି ବ୍ରାଜିଲିଆନ୍ ସୁପରଷ୍ଟାରଙ୍କୁ ଅଧିକାଂଶ ସମୟ ବେଞ୍ଚରେ ବସିବାକୁ ପଡ଼ିଥିଲା। ସେ ସ୍କଟଲ୍ୟାଣ୍ଡ ଓ ନରୱେ ବିପକ୍ଷରେ ଜଣେ ବଦଳ ଖେଳାଳି ଭାବରେ ମୈଦାନକୁ ଓହ୍ଲାଇଥିଲେ।

ବ୍ରାଜିଲ୍ ଜର୍ସିରେ ତାଙ୍କର ଶେଷ ଗୋଲ୍ ନରୱେ ବିପକ୍ଷରେ ଅତିରିକ୍ତ ସମୟର ଶେଷ ମୁହୂର୍ତ୍ତରେ ଏକ ପେନାଲ୍ଟି ଆସିଥିଲା। କିନ୍ତୁ ଏହା କେବଳ ସାନ୍ତ୍ୱନାମୂଳକ ଗୋଲ୍ ସାବ୍ୟସ୍ତ ହୋଇଥିଲା। କାରଣ ଏହି ପରାଜୟ ସହ ପାଞ୍ଚଥରର ବିଶ୍ୱବିଜେତା ଟୁର୍ନାମେଣ୍ଟରୁ ବାହାର ହୋଇଯାଇଥିଲା।

ନେମାର ବ୍ରାଜିଲ୍ ପକ୍ଷରୁ ସର୍ବାଧିକ ଗୋଲ୍ ସ୍କୋରର ଭାବରେ ବିଦାୟ ନେଇଛନ୍ତି। ୨୦୧୦ ମସିହାରେ ସେ ସିନିୟର ଡେବ୍ୟୁ (ପ୍ରଥମ ମ୍ୟାଚ୍) କରିବା ପରେ ମୋଟ ୧୨୯ଟି ଆନ୍ତର୍ଜାତୀୟ ମ୍ୟାଚ୍‌ରେ ୮୦ଟି ଗୋଲ୍ ସହ ନିଜର କ୍ୟାରିୟର ଶେଷ କରିଛନ୍ତି।

ଚାରୋଟି ଫିଫା ବିଶ୍ୱକପ୍‌ର ଯାତ୍ରା ମଧ୍ୟରେ ସେ ଏକ ଦଶନ୍ଧିରୁ ଅଧିକ ସମୟ ଧରି ବ୍ରାଜିଲ୍ ଫୁଟବଲ୍‌ର ପ୍ରମୁଖ ଚେହେରା ପାଲଟିଥିଲେ ଏବଂ କ୍ରୀଡ଼ାର ଏହି ସର୍ବବୃହତ ପୁରସ୍କାରକୁ ପୁଣି ଥରେ ଜିତିବା ପାଇଁ ବ୍ୟାକୁଳ ଥିବା ସମଗ୍ର ଦେଶର ଆଶା ଓ ଆକାଂକ୍ଷାର ବୋଝ ନିଜ କାନ୍ଧରେ ବୋହିଥିଲେ। ଯଦିଓ ଏଥିରେ ସେ ବିଫଳ ହୋଇଛନ୍ତି, ତଥାପି ଅନ୍ତର୍ଜାତୀୟ ମଞ୍ଚରେ ନେମାର ଅନେକ ସ୍ମରଣୀୟ ମୁହୂର୍ତ୍ତ ଉପଭୋଗ କରିଥିଲେ। ୨୦୧୩ ମସିହାରେ ଫିଫା କନଫେଡେରେସନ୍ସ କପ୍ ଜିତିବା ସହ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିବା ପରେ ୨୦୧୬ ରିଓ ଅଲିମ୍ପିକ୍ସରେ ନିଜ ଘରୋଇ ମାଟିରେ ବ୍ରାଜିଲ୍ ଦଳର ଅଧିନାୟକତ୍ୱ କରି ଦଳକୁ ସ୍ୱର୍ଣ୍ଣ ପଦକ ଜିତାଇଥିଲେ ନେମାର।

# ଶ୍ରୀଲଙ୍କା ବିପକ୍ଷରେ ଦମ ଦେଖାଇଲେ ଦ୍ରାବିଡଙ୍କ ପୁଅ

ନୂଆଦିଲ୍ଲୀ,୬।୭: ଭାରତୀୟ କ୍ରିକେଟର କିମ୍ବଦନ୍ତୀ ଖେଳାଳି ରାହୁଲ ଦ୍ରାବିଡ୍‌ଙ୍କ ସାନ ପୁଅ ଅନଭୟ ଦ୍ରାବିଡ ଶ୍ରୀଲଙ୍କା ବିପକ୍ଷରେ ଦମ ଦେଖାଇଛନ୍ତି। ସେ ଭାରତ ଅଣ୍ଡର ୧୯ ଟିମ ପାଇଁ ଖେଳିଛନ୍ତି ୬୭ ବଲରେ ୮୭ ରନର ଇନିଂସ।ଏହି ଇନିଂସ ଯୋଗୁ ଶ୍ରୀଲଙ୍କା ଅଣ୍ଡର ୧୯ ବିପକ୍ଷ ଯୁଥ ଦିନିକିଆର ଦ୍ୱିତୀୟ ମ୍ୟାଚ୍ ଭାରତ ଚ୍ୟାଲେଞ୍ଜିଂ ୨୮୫ ରନ କରିପାରିଥିଲା। କିନ୍ତୁ ଶ୍ରୀଲଙ୍କା ଏହି ମ୍ୟାଚ୍‌କୁ ୮ ୱିକେଟରେ ଜିତି ନେଇଛି। ହେଲେ ସୋମବାର ଶ୍ରୀଲଙ୍କାର ମହିନ୍ଦା ରାଜପାକ୍ଷ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳା ଯାଉଥିବା ଦ୍ୱିତୀୟ ଦିନିକିଆରେ ଅନଭୟ ନିଜର ଯାଦବୁ ଦେଖାଇବାକୁ ସକ୍ଷମ ହୋଇଛନ୍ତି।





ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଟିମ ୧୯ ଓଭର ସୁଦ୍ଧା ୮୧ ରନରେ ୪ ୱିକେଟ ହରାଇଥିଲା। ଏହି ସମୟରେ ଅନଭୟ ଓ ଅର୍ଜୁନ ରାଜପୁତ(୮୧ ବଲରେ ୭୬) ସ୍ଥିତି ସମ୍ଭାଳିଥିଲେ। ଉଭୟ ୫ମ ୱିକେଟ ପାଇଁ ୧୪୫ ଜଣ ଯୋଡି ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ୧୭ ବର୍ଷୀୟ ଅନଭୟ ବ୍ୟାଟିଂ କରିବା ବେଳେ ନିଜ ଦକ୍ଷତାର ପରିଚୟ ସମସ୍ତଙ୍କୁ ଦେଇଥିଲେ। ସେ ନିଜର ୮୭ ରନର ଇନିଂସରେ ୯ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ମାତ୍ର ୪୭ଟି ବୟସରେ ସେ ନିଜର ପ୍ରଥମ ଯୁଥ ଦିନିକିଆ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ।ସେ ମ୍ୟାଚ୍‌ରେ ଶତକ ଆଡକୁ ଯାଉଥିବା ବେଳେ ଶ୍ରୀଲଙ୍କାର ବାମହାତୀ ଦ୍ରୁତ ବୋଲର ଗିମହାନ ମେଣ୍ଡିସ ତାଙ୍କୁ ଆଉଟ କରିଦେଇଥିଲେ। ଏହି ମ୍ୟାଚ୍‌ରେ ମେଣ୍ଡିସ ୪୧ ରନରେ ୫ ୱିକେଟ ନେଇଛନ୍ତି। ଅନଭୟ ୧୨୯.୮୫ ଷ୍ଟ୍ରାଇକରେ ଦ୍ୱିତୀୟ ଯୁଥ ଦିନିକିଆରେ ରନ କରି ସମସ୍ତଙ୍କୁ ପ୍ରଭାବିତ କରି ପାରିଛନ୍ତି।

କର୍ଣ୍ଣାଟକାର ଅନଭୟ ବୟସ ବର୍ଗ କ୍ରିକେଟରେ ନିଜର ଛାପ ଛାଡିବାକୁ ସକ୍ଷମ ହୋଇଛନ୍ତି। ଗତବର୍ଷ ଭିନୁ ମଙ୍କଡ ଟ୍ରଫିରେ ଅନଭୟଙ୍କ ନେତୃତ୍ୱରେ କର୍ଣ୍ଣାଟକା କ୍ୱାର୍ଟର ଫାଇନାଲ ଯାଇଥିଲା। ଅନଭୟ ମଧ୍ୟ ବ୍ୟାଟିଂରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ୬ଟି ମ୍ୟାଚ୍‌ରେ ସେ ୨୨୦ ରନ କରିବାକୁ ସକ୍ଷମ ହୋଇଥିଲେ। ଏହା ମଧ୍ୟରେ ଦୁଇଟି ଅର୍ଦ୍ଧଶତକ ରହିଥିଲା। ଏହି ପ୍ରଦର୍ଶନ ଆଧାରରେ ତାଙ୍କୁ ଏବେ ଭାରତୀୟ ଅଣ୍ଡର ୧୯ ଟିମରେ ସୁଯୋଗ ମିଳିଛି।

ଅନଭୟଙ୍କ ପୂର୍ବରୁ ୨୦୨୪ରେ ତାଙ୍କ ବଡ ଭାଇ ସମିତ ମଧ୍ୟ ଭାରତୀୟ ଅଣ୍ଡର ୧୯ ଟିମରେ ସୁଯୋଗ ପାଇଥିଲେ। ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଚୟନ କରାଯାଇଥିଲା। ହେଲେ ଆହତ ସମସ୍ୟା ଯୋଗୁ ସେ ପରବର୍ତ୍ତୀ ଅବସ୍ଥାରେ ଏହି ସିରିଜରୁ ବାଦ ପଡିଥିଲେ। ୨ ବର୍ଷ ପରେ ସମିତଙ୍କ ସାନ ଭାଇ ଅନଭୟ ମଧ୍ୟ ଭାରତୀୟ ଅଣ୍ଡର ୧୯ ଟିମରେ ସାମିଲ ହୋଇଛନ୍ତି। ଏଥିସହ ଦମଦାର ଇନିଂସ ଖେଳିଛନ୍ତି।

ଶ୍ରୀଲଙ୍କା ବିପକ୍ଷ ୩ଟିକିଆ ଯୁଥ ଦିନିକିଆ ସିରିଜରେ ଭାରତ ଏବେ ୧-୦ରେ ଆଗରେ ରହିଛି। ପ୍ରଥମ ଦିନିକିଆରେ ଦଳକୁ ୩୨୧ ରନ ଟାର୍ଗେଟ କରିଥିଲା। ଭାରତ ୪ ୱିକେଟରେ ଏହାକୁ ଜିତି ନେଇଥିଲା। ଅନଭୟ ଏହି ମ୍ୟାଚ୍‌ରେ କେବଳ ୧୪ ରନ କରିପାରିଥିଲେ।

# କ୍ୱାର୍ଟରରେ ଇଂଲଣ୍ଡ, ମେକ୍ସିକୋ ବିଦା

ମେକ୍ସିକୋ ସିଟି, ୬।୭: ଘରୋଇ ଫିଲ୍ଡ ଓ ପରିବେଶରେ ଖେଳିବାର ଫାଇଦା ସହିତ ପ୍ରତିପକ୍ଷ ଦଳ ପ୍ରାୟତଃ ଦ୍ୱିତୀୟାର୍ଦ୍ଧ ୧୦ ଖେଳାଳିରେ ଖେଳିବା ସତ୍ତ୍ୱେ ମେକ୍ସିକୋର ଅଭିଯାନ ଚଳିତ ଫିଫା ବିଶ୍ୱକପ୍‌ରେ ପ୍ରି-କ୍ୱାର୍ଟରରେ ଶେଷ ହୋଇଛି। ସୋମବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ଇଂଲଣ୍ଡ ୩-୨ ଗୋଲରେ ସହ ଆୟୋଜକ ମେକ୍ସିକୋକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଆସନ୍ତା ଶନିବାର ଇଂଲଣ୍ଡ ମାୟାମିଠାରେ ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ନରୱେକୁ ଭେଟିବ। ପତନଠାରୁ ୨୨୦୦ ମିଟର ଊର୍ଦ୍ଧ୍ୱରେ ଥିବା ଇଷ୍ଟାଡିଓ ଆଜଟେକାରେ ୮୦,୮୨୪ ଦର୍ଶକଙ୍କ ଉପସ୍ଥିତିରେ ମ୍ୟାଚ୍ ଖେଳାଯାଇଥିଲା। ଟୁର୍ନାମେଣ୍ଟର ପ୍ରଥମ ୪ ମ୍ୟାଚ୍‌ରେ ଗୋଟିଏ ବି ଗୋଲ ବରଣ କରି ନ ଥିବା ମେକ୍ସିକୋ ପାଖରେ ଜୁଡେ ବେଲିଂଘମ(୩୬ ଓ ୩୮ତମ ମିନିଟ୍)ଙ୍କ ଲାଗି କୌଣସି ଉତ୍ତର ନ ଥିଲା। ସେ ପ୍ରଥମାର୍ଦ୍ଧରେ ୯୮ ସେକେଣ୍ଡର ବ୍ୟବଧାନ ମଧ୍ୟରେ ଦୁଇଟି ଗୋଲ ଦେଇଥିଲେ। ପେନାଲ୍ଟି ଜରିଆରେ ହାରୀ କେନ (୬୦ତମ) କରିଥିବା ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ମେକ୍ସିକୋ ଜୁଲିଆନ କ୍ୱିନୋନେସ (୪୨ତମ) ଓ ରଲ ଜିମେନେଜ (୬୯ତମ)ଙ୍କ ଜରିଆରେ ଦୁଇଟି ଗୋଲ ପରିଶୋଧ କରିଥିଲା। ହେଲେ ତୃତୀୟ ଗୋଲର କୌଣସି ଜବାବ ଦେଇ ପାରି ନ ଥିଲା। ୧୯୬୬ରେ ଖୋଲା ଯାଇଥିବା ଇଷ୍ଟାଡିଓ ଆଜଟେକାରେ ଏହା ମେକ୍ସିକୋ ଲାଗି ତୃତୀୟ ପରାଜୟ।

# ରେଡ କାର୍ଡ, ଟ୍ରମ୍ପଙ୍କ ୩ ଫୋନ କଲ ଓ ଫିଫାର ୟୁ-ଟର୍ଣ୍ଣକୁ ନେଇ ବିବାଦ

ୱାଂଶିଟନ,୬।୭: ପୁଣି ବିବାଦରେ ଫିଫା ବିଶ୍ୱକପ। ମ୍ୟାଚ୍‌ରେ ବିଶୃଙ୍ଖଳା ପାଇଁ ବିଶ୍ୱକପ ଆୟୋଜନ କରୁଥିବା ଆମେରିକାର ଜଣେ ଖେଳାଳିଙ୍କୁ ରେଫରୀ ଦେଇଥିଲେ ରେଡ କାର୍ଡ। ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ମଧ୍ୟ ବାସନ୍ଦ କରାଯାଇଥିଲା। ହେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୩ଟି ଫୋନ କଲ ପରେ ସବୁ କିଛି ବଦଳି ଯାଇଛି।

ଟ୍ରମ୍ପ ନିଜ ଦେଶର ଖେଳାଳିଙ୍କ ପାଇଁ ଫିଫା ଅଧ୍ୟକ୍ଷଙ୍କୁ ଫୋନ କରିଥିଲେ। ଟ୍ରମ୍ପଙ୍କ ଫୋନ କଲ୍ ପରେ ନିଲମ୍ବନ ନିଷ୍ପତ୍ତିକୁ ବଦଳାଇ ଦେଇଛି ଫିଫା। ଏବେ ଆମେରିକାର ନିଲମ୍ବନ



ହୋଇଥିବା ଖେଳାଳି ଜଣଙ୍କ ବେଲଜିୟମ ବିପକ୍ଷ ରାଉଣ୍ଡ ୧୬ ମ୍ୟାଚ୍ ଖେଳିବାକୁ ପାଇଛନ୍ତି ଅନୁମତି। ଫିଫାର ଏପରି ୟୁ-ଟର୍ଣ୍ଣକୁ ନେଇ ଦେଖା ଯାଇଛି ବିବାଦ।ଆମେରିକା ଷ୍ଟ୍ରାଇକର ଫୋଲାରିନ ବାଲୋଗୁନଙ୍କ ଉପରେ ଲାଗିଥିବା ନିଲମ୍ବନକୁ ଫିଫା ହଟାଇବା ପରେ ହିଁ ବିବାଦ ଦେଖିବାକୁ ମିଳିଛି। ଏହି ନିଷ୍ପତ୍ତି ପୂର୍ବରୁ ଟ୍ରମ୍ପ ଫିଫା ସଭାପତି ଜିଆନି ଇନଫାଣ୍ଟିନୋଙ୍କୁ ତିନିଥର ଫୋନ୍ କରିଥିବା ରିପୋର୍ଟ ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ବାଲୋଗୁନ ରାଉଣ୍ଡ ଅଫ୍ ୩୨ ମ୍ୟାଚରେ ପ୍ରତିପକ୍ଷ ବୋସନିଆ ଓ ହର୍ଜଗୋଭିନା ଡିଫେଣ୍ଡର ତାରିକ ମୁହାରେମୋଭିଚଙ୍କୁ ଫାଉଲ ମାରିଥିଲେ। ଏଥିପାଇଁ ତାଙ୍କୁ ରେଡ୍ କାର୍ଡ ମିଳିଥିଲା। ସେ ଉକ୍ତ ମ୍ୟାଚ୍‌ର ୨୭ ମିନିଟ ପୂର୍ବରୁ ପଡିଆ ଛାଡିଥିଲେ। ଆମେରିକା ୧୦ ଜଣଙ୍କୁ ନେଇ ଖେଳିଥିଲା ଓ ବିଜୟୀ ହୋଇଥିଲା।ତେବେ ବାଲୋଗୁନ ରେଡ କାର୍ଡ ପାଇଥିବାରୁ ନିୟମ ଅନୁସାରେ ସେ ବେଲଜିୟମ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରୁ ମଧ୍ୟ ବାଦ ପଡିବା ନିଶ୍ଚିତ ହୋଇଥିଲା। କିନ୍ତୁ ରବିବାର ଫିଫା ବ୍ୟାନ ନିଷ୍ପତ୍ତିକୁ ବଦଳାଇ ଦେଇଛି। ଫିଫା ପକ୍ଷରୁ କୁହାଯାଇଛି ଯେ ବାଲୋଗୁନଙ୍କ ନିଲମ୍ବନ ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ନାହିଁ। ସେ ବେଲଜିୟମ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ନକ୍‌ଆଉଟ୍ ମ୍ୟାଚ୍‌ରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଶେଷ ବିଶ୍ୱକପ୍ ଖେଳୁଥିବା ସ୍ପଷ୍ଟ କଲେ ରୋନାଲ୍‌ଡୋ

ଲିସବନ,୬।୭: ଫୁଟବଲ ଇତିହାସର ଅନ୍ୟତମ କିମ୍ବଦନ୍ତୀ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ନେଇ ଆସିଛି ବଡ ଖବର। ଚଳିତ ବର୍ଷ ସେ ନିଜ ଫୁଟବଲ କ୍ୟାରିୟରର ଶେଷ ବିଶ୍ୱକପ ଖେଳୁଛନ୍ତି। ପରବର୍ତ୍ତୀ ବିଶ୍ୱକପରେ ତାଙ୍କୁ ଆଉ ପର୍ତ୍ତୁଗାଲ ପାଇଁ ଖେଳୁଥିବା ଦେଖିବାକୁ ମିଳିବ ନାହିଁ।୨୦୨୬ ହେଉଛି ତାଙ୍କର ଶେଷ ଫୁଟବଲ ବିଶ୍ୱକପ ବୋଲି ନିଜେ ରୋନାଲ୍ଡୋ ଆଜି ଘୋଷଣା କରିଛନ୍ତି। ଏବେ ସେ ନିଜ ଫୁଟବଲ କ୍ୟାରିୟର ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିବା ମଧ୍ୟ କହିଛନ୍ତି। ୨୦୨୬ ଫିଫା ବିଶ୍ୱକପ୍ ତାଙ୍କ କ୍ୟାରିୟରର ଶେଷ ବିଶ୍ୱକପ୍ ହୋଇଥିଲେ ହେଁ ସେ ଅବସରକୁ ନେଇ ଏବେ ଠାରୁ କୌଣସି ଆଲୋଚନା କରିବାକୁ ଚାହୁଁନଥିବା ସମସ୍ତଙ୍କୁ ଜଣାଇ ଦେଇଛନ୍ତି।

ବିଶ୍ୱକପର ରାଉଣ୍ଡ ଅଫ ୩୨ରେ ପର୍ତ୍ତୁଗାଲର ମୁକାବିଲା କ୍ରୋଏସିଆ ସହ ହୋଇଥିଲା। ଏହି ମ୍ୟାଚରେ ରୋନାଲ୍‌ଡୋ ପେନାଲ୍ଟିରୁ ଗୋଲ୍ କରିଥିବା ବେଳେ ଗୋନକାଲୋ ରାମୋସ ଅତିରିକ୍ତ ସମୟରେ ହେଡର୍ ଜରିଆରେ ସ୍କୋର



କରି ଦଳକୁ ପ୍ରି-କ୍ୱାର୍ଟର ଫାଇନାଲ ଟିକେଟ ଦେଇଛନ୍ତି। ପର୍ତ୍ତୁଗାଲର ମୁକାବିଲା ରାଉଣ୍ଡ ଅଫ ୧୬ରେ ସ୍ପେନ ସହ ହେବ। ଏହାପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରୋନାଲ୍‌ଡୋ କହିଛନ୍ତି ଯେ "ମୁଁ ଏହି ବିଶ୍ୱକପ୍‌କୁ ଯଥା ସମ୍ଭବ ଉପଭୋଗ କରିବାକୁ ଚାହୁଁଛି। କାରଣ ଏହା ମୋର ଶେଷ ବିଶ୍ୱକପ୍। କିନ୍ତୁ ଆଶା କରୁଛି ଆସନ୍ତାକାଲିର ମ୍ୟାଚ୍ ବିଶ୍ୱକପ୍‌ରେ ମୋର ଶେଷ ମ୍ୟାଚ୍ ହେବ ନାହିଁ।" ଅବସରକୁ ନେଇ ସାମ୍ବାଦିକମାନେ ବାରମ୍ବାର ପ୍ରଶ୍ନ କରିବାରୁ ରୋନାଲ୍‌ଡୋ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ଆପଣମାନେ ସବୁବେଳେ ସେହି ଗୋଟିଏ ପ୍ରଶ୍ନ କରୁଛନ୍ତି। ସବୁବେଳେ ଏହା ମୋର ଶେଷ ବିଶ୍ୱକପ୍ କି ପ୍ରଶ୍ନ କରୁଛନ୍ତି। କିନ୍ତୁ ସମୟ ଆସିଲେ ସବୁ କିଛି ଦେଖାଯିବ। ମୁଁ ଏବେ ସେଥିରେ ଧ୍ୟାନ ଦେବାକୁ ଚାହୁଁନି। ସବୁଠୁ ବଡ଼ କଥା ହେଉଛି, ଆମ ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦରକାର।" ସେ ନିଜର ଯାତ୍ରା ସମ୍ପର୍କରେ କହିଛନ୍ତି ଯେ "ଆମେ ବିଶ୍ୱକପ୍ ଜିତିଲେ ମୁଁ ଅଧିକ 'କ୍ରିଷ୍ଟିଆନୋ' ହେବିନି। ସେହିପରି ଆମେ ବିଶ୍ୱକପ ନ ଜିତିଲେ ମୁଁ କମ୍ 'କ୍ରିଷ୍ଟିଆନୋ' ମଧ୍ୟ ହେବିନି। ମୁଁ ଜୀବନ ପ୍ରତି କୃତଜ୍ଞ। ପ୍ରତ୍ୟେକ ଦିନକୁ ଉପଭୋଗ କରୁଛି। ମୁଁ ଭାଗ୍ୟଶାଳୀ।" ପର୍ତ୍ତୁଗାଲ ଓ ସ୍ପେନ ମଧ୍ୟରେ ରାଉଣ୍ଡ ୧୬ର ମୁକାବିଲା ଭାରତୀୟ ସମୟ ମଙ୍ଗଳବାର ରାତି ୧୨.୩୦ରେ ଅନୁଷ୍ଠିତ ହେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ